

“ ବିଧାତାଙ୍କର ଶୃଙ୍ଖଳା ଭାଙ୍ଗିଲେ ଜ୍ୱାଳା ବଢ଼ିବ ସିନା କମିବ ନାହିଁ। ଯେପରି କଏଦୀ ଜେଲ୍ ଭାଙ୍ଗି ବାହାରିଗଲେ ନିସ୍ତାର ପାଏନି ବରଂ ଦଣ୍ଡ ବୃଦ୍ଧି ହୋଇଥାଏ।
- ସ୍ୱାମୀ ନିଗମାନନ୍ଦ



## ସଂକ୍ଷେପରେ

### ଆମ ପୋଲିସ ସମିତି ବୈଠକ

ଛତିଆ,୩୦।୯(ଡିଏନ୍ଏ)- ବୈରୀ ଥାନା ତରଫରୁ ସୋମବାର ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ବିଶେଷ କରି ଚୋରି ରୋକିବା ଦିଗରେ ଧ୍ୟାନ ଦେବା ପାଇଁ ଏକ ପ୍ରସ୍ତାବ ଗୃହୀତ ହୋଇଥିଲା। ଘରେ ଏବଂ ଦୋକାନରେ ସିସିଟିଭି ଲଗାଇବା ସହିତ ରାତିରେ ଦୋକାନ ବାହାର ପଟେ ଲାଇଟ୍ ଜଳାଇବା ପାଇଁ ସମସ୍ତଙ୍କୁ ପ୍ରବର୍ତ୍ତାଇବା, ଘର ବନ୍ଦ କରି ବାହାରକୁ ଯିବା ସମୟରେ ପଡିଶା ଲୋକଙ୍କୁ ଘର ଉପରେ ନଜର ରଖିବା ପାଇଁ କହିବା, କୌଣସି ଅଜଣା ଲୋକଙ୍କୁ ଘରଭଡା ନ ଦେବା ଓ ଯଦି ଭଡ଼ା ଦିଅନ୍ତି ତେବେ ସେମାନଙ୍କ ପରିଚୟ ଓ ଠିକଣାର ବନ୍ଦୋବସ୍ତ କରିବା ଆଦି ପ୍ରସ୍ତାବ ଗୃହୀତ ହୋଇଥିଲା। ପ୍ରାରମ୍ଭରେ ଏଏସ୍ଆଇ ଅନିଲ କୁମାର ସାହୁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ ଏସ୍ଆଇ ବିଶ୍ୱଜିତ୍ ବିଶ୍ୱାଳ ସଭାପତିତ୍ୱ କରିଥିଲେ। ଶେଷରେ ଏଏସ୍ଆଇ ଅଯୋଧ୍ୟା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

### ସଡ଼କ ଦୁର୍ଘଟଣାରେ ୨ ଗୁରୁତର

ଯାଜପୁର ଟାଉନ,୩୦।୯(ଡିଏନଏ): ସଡ଼କ ଦୁର୍ଘଟଣାରେ ୨ଜଣ ଗୁରୁତରଙ୍କୁ ପ୍ରଥମେ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯିବା ପରେ ସେଠାରେ ସେମାନଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି। ପ୍ରକାଶ ଯେ, ଭଦ୍ରକ ଜିଲା ବାସୁଦେବପୁର ଗ୍ରାମର ସର୍ବେଶ୍ୱର ବେହେରା ଓ ତାଙ୍କ ସ୍ତ୍ରୀ ଅନୁପମା ବେହେରା ବାଇକ୍ ଯୋଗେ ଆସୁଥିବାବେଳେ ଭଣ୍ଡାରିପୋଖରୀ ରାସ୍ତାରେ ଏକ ମାଙ୍କଡ଼ ତାଙ୍କ ଗାଡି ଉପରକୁ ଡ଼େଇଁ ପଡ଼ିଥିଲା। ଫଳରେ ସେ ଭାରସାମ୍ୟ ହରାଇ ପଡ଼ିଯିବା ପରେ ସ୍ଥାନୀୟ ଲୋକେ ସେମାନଙ୍କୁ ଯାଜପୁର ମେଡିକାଲରେ ଚିକିତ୍ସା କରାଇବା ପାଇଁ ଆଣିଥିଲେ। ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି।

### ଶିକ୍ଷା ବ୍ୟବସ୍ଥା ସମୀକ୍ଷା କଲେ ବିଇଓ

ଚଣ୍ଡିଖୋଲ,୩୦।୯(ଡି.ଏନ.ଏ): ବଡ଼ଚଣା ବ୍ଲକ ବାଲିଚନ୍ଦ୍ରପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଶନିବାର ପଞ୍ଚାୟତସ୍ତରୀୟ ବିଦ୍ୟାଳୟଗୁଡ଼ିକୁ ନେଇ ସମୀକ୍ଷା ବୈଠକ ସରପଞ୍ଚ ଫନୀନ୍ଦ୍ର ନାଥ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବ୍ଲକ୍ ଶିକ୍ଷାଧିକାରୀଣୀ (ବିଇଓ) ସସ୍ମିତା ସାହୁ ଯୋଗଦେଇ ବିଭିନ୍ନ ସ୍କୁଲରେ ରହିଥିବା ସମସ୍ୟା ସମ୍ପର୍କରେ ପଚାରି ବୁଝିବା ସହ ଶିକ୍ଷାଦାନ ବ୍ୟବସ୍ଥା ସମ୍ପର୍କରେ ପରାମର୍ଶ ଦେଇଥିଲେ। ବିଦ୍ୟାଳୟଗୁଡ଼ିକର ସ୍ଥିତି, ଛାତ୍ରୀଛାତ୍ରଙ୍କ ଉପସ୍ଥାନ, ଶୌଚାଳୟ ଓ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ପରିଚାଳନା ନେଇ ବିଦ୍ୟାଳୟର ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ପ୍ରକାଶ କରିଥିଲେ। ୯ଟି ବିଦ୍ୟାଳୟର ପରିଚାଳନା କମିଟି ସଭାପତିମାନେ ଯୋଗଦେଇ ବିଦ୍ୟାଳୟରେ ହେଉଥିବା ସମସ୍ୟା ସମ୍ପର୍କରେ ସୂଚନା ଦେଇଥିଲେ। ଏଥିରେ ସିଆରସିସି ପ୍ରଶାନ୍ତ ପୃଷ୍ଟି, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଭିମନ୍ୟୁ ସାହୁଙ୍କ ସମେତ ବହୁ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ଆଲୋଚନାରେ ଭାଗ ନେଇଥିଲେ।

### ସେବା ସମବାୟ ସମିତିର ବଡ଼ ନିଷ୍ପତ୍ତି

# ବନ୍ଧା ହେବେ ଦୁର୍ନୀତିଖୋର ସମ୍ପାଦକ, କର୍ମଚାରୀ

ଯାଜପୁର ଅଫିସ,୩୦।୯

ପ୍ରାଥମିକ ସେବା ସମବାୟ ସମିତି (ପ୍ୟାକ୍ସ), ଲ୍ୟାମ୍ପସ୍ (ଲାର୍ଜ ଏରିଆ ମଲ୍‌ଟିପରପୋଜ କୋ-ଅପରେଟିଭ ସୋସାଇଟି), ବ୍ୟାଙ୍କ ପ୍ରଭୃତି କାର୍ଯ୍ୟାଳୟର ସମ୍ପାଦକ ଓ ଅନ୍ୟ କର୍ମଚାରୀମାନେ ଅନିୟମିତତା, ଆତ୍ମସାତକରଣ, ଅବହେଳା ଓ ବେଆଇନ କାର୍ଯ୍ୟରେ ଲିପ୍ତ ରହୁଛନ୍ତି। ଫଳରେ ସମ୍ପୃକ୍ତ ପ୍ୟାକ୍ସ, ଲ୍ୟାମ୍ପସ ପ୍ରଭୃତି କାର୍ଯ୍ୟାଳୟରେ ଚାଷୀ ହଇରାଣ ହେବା ସହିତ ଉପଯୁକ୍ତ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଏହାବାଦ ସରକାର ଆର୍ଥିକ କ୍ଷତିର ମଧ୍ୟ ସମ୍ମୁଖୀନ ହେଉଛନ୍ତି। ଏଥିପାଇଁ ସମ୍ପୃକ୍ତ ସମ୍ପାଦକ ଓ ଅନ୍ୟ କର୍ମଚାରୀଙ୍କୁ ସରକାର କାର୍ଯ୍ୟରୁ ବହିଷ୍କାର କରିବା ସହ ଆବଶ୍ୟକସ୍ଥଳେ ଗିରଫ କରାଯିବ ବୋଲି ନିଷ୍ପତ୍ତି ନେଇଛନ୍ତି। ଏହିକ୍ରମରେ ରାଜ୍ୟ ସେବା ସମବାୟ ସମିତି ନିବନ୍ଧକଙ୍କୁ ଓସିଏସ ଆଇନ-୧୯୬୨ର ଧାରା ୩୩-ଏ(ବି) ଅନୁଯାୟୀ କ୍ଷମତା ପ୍ରଦାନ କରାଯାଇଛି। ଏହାପରେ ଯାଜପୁର ଜିଲାର ବିଭିନ୍ନ ପ୍ୟାକ୍ସରେ ଦୁର୍ନୀତି, ଅର୍ଥ ଆତ୍ମସାତ ଓ ଅନିୟମିତତାରେ ଲିପ୍ତ ସମ୍ପାଦକ ଓ ଅନ୍ୟ କର୍ମଚାରୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି।

ଯାଜପୁର ଜିଲା ମାର୍କଣ୍ଡପୁର ପାକ୍ସରେ ଏକ ଚାଷୀ ପରିବାରର ୪ ସଦସ୍ୟଙ୍କ ନାମରେ ୧୯ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଆତ୍ମସାତ ହୋଇଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଏହି ମାମଲାର ତଦନ୍ତ ଚାଲିଛି। ଏହି ପ୍ୟାକ୍ସରେ ଅନ୍ୟ ଚାଷୀ ପରିବାରଙ୍କ ନାମରେ ମଧ ଲକ୍ଷାଧିକ ଟଙ୍କା ହଡ଼ପ କରାଯାଇଥିବା ସନ୍ଦେହ କରାଯାଇଛି। ଗତ ୨୧ ତାରିଖରେ ରାଜ୍ୟ ସମବାୟ ସମିତି ନିବନ୍ଧକ (ଆରସିଏସ)ଙ୍କ କାର୍ଯ୍ୟାଳୟରେ ହୋଇଥିବା ଶୁଣାଣି ପୂର୍ବତନ ସମ୍ପାଦକ ନବକିଶୋର ପରିଡା ଓ ସହସମ୍ପାଦକ ତଥା ପୂର୍ବତନ ଡିଇଓ (ଡାଟା ଏଣ୍ଟ୍ରି ଅପରେଟର) ବିକ୍ରମଜିତ ଜେନାଙ୍କ ସମେତ ଜିଲା ଯୋଗାଣ ଅଧିକାରୀ ଲିଖିତ ବିବୃତି ଦେଇଥିଲେ। ଏହି ମହାଦୁର୍ନୀତିରେ କିଏ ସମ୍ପୃକ୍ତ

■ବିଭିନ୍ନ କାର୍ଯ୍ୟାଳୟରେ ଚାଷୀ ହଇରାଣ ହେଉଥିବା ଅଭିଯୋଗ

■କାର୍ଯ୍ୟାନୁଷ୍ଠାନ ନେବାକୁ ନିବନ୍ଧକଙ୍କୁ କ୍ଷମତା ପ୍ରଦାନ

ଓ ତାଙ୍କ ବିରୋଧରେ କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ତାହା ଏଯାଏ ବୃତାନ୍ତ ହୋଇପାରି ନାହିଁ। ମାର୍କଣ୍ଡପୁର ପ୍ୟାକ୍ସରେ ୨୦୧୫-୧୬ ଖରିଫ ଧାନକିଣାରେ ମାର୍କଣ୍ଡପୁର ମହାପୁରୁଷ ମଣିଦାସ ବିଦ୍ୟାପୀଠରେ ରାତ୍ର ଜଗୁଆଳି ଭାବେ କାର୍ଯ୍ୟରତ ଦିଲୀପ କୁମାର ରାଉତଙ୍କ ନାମରେ ୨୪୩ କୁଇଣ୍ଟାଲ, ତାଙ୍କ ପତ୍ନୀ କବିତାଙ୍କ ନାମରେ ୨୭୦, ପୁଅ ଦିପକଙ୍କ ନାମରେ ୨୯୬ ଓ ତପନଙ୍କ ନାମରେ ୩୦୦ କୁଇଣ୍ଟାଲ ଧାନ କିଣା ହୋଇଥିଲା। ସେତେବେଳେ ଏକର ପିଛା ୧୨ କୁଇଣ୍ଟାଲ ହିସାବରେ ଏହି ୪ଜଣ ଚାଷୀଙ୍କ ପ୍ରାୟ ୯୨ ଏକର ଜମି ରହିବା କଥା। ହେଲେ ବାସ୍ତବରେ ରାତ୍ର ଜଗୁଆଳି ଭାବେ କାର୍ଯ୍ୟରତ ଏହି ପରିବାରଙ୍କ ଏତିକି ଜମି ନାହିଁ ବୋଲି ଏଆରସିଏସଙ୍କ ପକ୍ଷରୁ ରିପୋର୍ଟ ଦିଆଯାଇଥିଲା। ଏହି ମହା ଘୋଟାଲାର ପର୍ଦ୍ଦାଫାସ ଓ କାର୍ଯ୍ୟାନୁଷ୍ଠାନ ପାଇଁ ମାର୍କଣ୍ଡପୁର ଗ୍ରାମର ଯାଜପୁର ଜିଲାପାଳଙ୍କ ସମେତ ରାଜ୍ୟ ସମବାୟ ସମିତିର ନିବନ୍ଧକ, ଏଆରସିଏସ, ସମବାୟ ମନ୍ତ୍ରୀ ପ୍ରମୁଖଙ୍କ ନିକଟରେ ଅଭିଯୋଗ କରିଥିଲେ। ଜିଲା ପ୍ରଶାସନ ପାଖରୁ ନ୍ୟାୟ ନ ପାଇ ଅଭିଯୋଗକାରୀମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ୨୦୧୭ ଜୁନ ୬ରେ କୋରେଇ ବ୍ଲକ ବନ୍ଦାଳ ସେବା ସମବାୟ ସମିତିରେ କେତେଜଣ ଭାଗଚାଷୀଙ୍କ ନାମରେ ମିଥ୍ୟା ଧାନ ବିକ୍ରି କରି ଲକ୍ଷାଧିକ ଟଙ୍କା ହଡପ କରାଯାଇଥିବା ଅଭିଯୋଗ ହୋଇଥିଲା। ରାଜ୍ୟ ସମବାୟ ସମିତି(କ୍ରେଡିଟ)ର ଯୁଗ୍ମ ନିବନ୍ଧକ(ଜଏଣ୍ଟ ରେଜିଷ୍ଟ୍ରାର) ପକ୍ଷରୁ ତଦନ୍ତ କରିବାକୁ ଯାଜପୁର ଜିଲା ସମବାୟ ସମିତି ସମୂହର ସହକାରୀ ନିବନ୍ଧକ(ଏଆରସିଏସ)ଙ୍କୁ ସେତେବେଳେ ନିର୍ଦ୍ଦେଶ ହୋଇଥିଲା। ତାହା ଏପର୍ଯ୍ୟନ୍ତ ତଦନ୍ତରେ ସୀମିତ ରହିଛି। ସେହପରି ୫।୧୧।୨୦୧୬ରେ ରସୁଲପୁର ବ୍ଲକ ବ୍ରହ୍ମବରଦା ସେବା ସମବାୟ ସମିତି ସମ୍ପାଦକଙ୍କ ବିରୋଧରେ ହୋଇଥିବା ଦୁର୍ନୀତିର ତଦନ୍ତ କରିବାକୁ ଯାଜପୁର ଏଆରସିଏସଙ୍କୁ ନିର୍ଦ୍ଦେଶ ହୋଇଥିଲା। ଧର୍ମଶାଳା ବ୍ଲକ ରଖିଦେଇପୁର ସେବା ସମିତିର ସମ୍ପାଦକଙ୍କ ବିରୋଧରେ ହୋଇଥିବା ଅଭିଯୋଗ ଉପରେ ଭିଜିଲାନ୍ସ କାଗଜପତ୍ର ଜବତ କରି ତଦନ୍ତ ଆରମ୍ଭ କରିଛି। ଏଭଳି ଅନେକ ଦୁର୍ନୀତି ଦବି ଯାଇଥିବାରୁ ସରକାରଙ୍କ କଡ଼ା କର୍ଯ୍ୟାନୁଷ୍ଠାନ କେତେଦୂର ସଫଳ ହେଉଛି ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ରାଜ୍ୟ ସମବାୟ ସମିତି ପକ୍ଷରୁ ଜାରି ପତ୍ରସଂଖ୍ୟା ୨୧୪୪୬/୩୦।୯।୨୦୧୯ରେ ଦର୍ଶାଯାଇଛି ଯେ, ପ୍ୟାକ୍ସ, ଲ୍ୟାମ୍ପସ ଆଦି ସମ୍ପାଦକ ଓ କର୍ମଚାରୀମାନଙ୍କ ବିରୁଦ୍ଧରେ ଦୁର୍ନୀତି ପ୍ରମାଣିତ ହେଲେ ଜୋରିମାନା, କାର୍ଯ୍ୟରୁ ବହିଷ୍କାର ଏପରିକି ଅପରାଧିକ ମାମଲା ରୁଜୁ ପାଇଁ ପଦକ୍ଷେପ ଗ୍ରହଣ କରାଯିବ।

### ୧୦ମ ଦିନରେ ମା’ ବିରଜାଙ୍କ ଷୋଡ଼ଶୋପଚାର ପୂଜା

## ମା’ଙ୍କ ପାଦ ଦର୍ଶନ ପାଇଁ ଭକ୍ତଙ୍କ ଭିଡ଼

ଯାଜପୁର ଟାଉନ,୩୦।୯(ଡିଏନଏ)



ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା’ ବିରଜାଙ୍କ ପାର୍ବଣ ଯାତ୍ରା ଅବସରରେ ମା’ ବିରଜା ଦେବୀଙ୍କ ଷୋଡ଼ଶୋପଚାର ପୂଜା ସୋମବାର ଦଶମ ଦିନରେ ପହଞ୍ଚିଥିବାବେଳେ ମା’ଙ୍କ ପାଦ ଦର୍ଶନ ଓ ରଥଯାତ୍ରାର ଦ୍ୱିତୀୟ ଦିନ ପାଳିତ ହୋଇଯାଇଛି। ସୋମବାର ସକାଳେ ଶାସନ ବ୍ରାହ୍ମଣମାନେ ଆଣିଥିବା ବୈତରଣୀ ଜଳରେ ସ୍ନାନ କରିବା ପରେ ପୂର୍ବରୁ ଅପେକ୍ଷା କରିଥିବା ଭକ୍ତମାନେ ମନ୍ଦିର ଗର୍ଭଗୃହକୁ ଯାଇ ମା’ ବିରଜାଙ୍କ ପାଦ ସ୍ପର୍ଶ କରିଥିଲେ। ପାଦ ଦର୍ଶନ ପାଇଁ ଭକ୍ତଙ୍କ ଭିଡ଼ ଅଧିକ ଥିବାରୁ ପୁରୁଷ ଓ ମହିଳା ଭକ୍ତଙ୍କୁ ଅଲଗା ଅଲଗା ମନ୍ଦିର ଗର୍ଭଗୃହକୁ ଛଡ଼ା ଯାଇଥିଲା। ପାଦ ଦର୍ଶନ ସମୟରେ ପୋଲିସ କର୍ମଚାରୀମାନେ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳାର ସହିତ ଭକ୍ତଙ୍କୁ ଦର୍ଶନ କରାଇଥିଲେ। ପାଦ ଦର୍ଶନ ପରେ ମା’ଙ୍କ ବେଶ, ଚନ୍ଦନ ବେଶ, କରାଯିବା ପରେ ସ୍ୱାଭାବିକ ଦର୍ଶନ କରାଯାଇଥିଲା। ସିଂହାସନରେ ଷୋଡ଼ଶୋପଚାର ପୂଜା, ଘଟ ପୂଜା, କଳସ ପୂଜା ଓ ରଥ ଉପରେ ମା’ଙ୍କ ପୂଜା ପରେ ଅପରାହ୍ନ ୪ଟାରୁ ୪ଟା ୩୦ ପର୍ଯ୍ୟନ୍ତ ପହଡ଼ କରାଯାଇଥିଲା। ୪ଟା ୪୫ ମିନିଟରେ ରଥଯାତ୍ରାର ଆୟୋଜନ କରାଯାଇ ମନ୍ଦିରରୁ ଆର୍ଶୀ, ଛତ୍ର, ତରାଶ ରଥ ଉପରକୁ ନିଆଯାଇ ରଥଯାତ୍ରା ଆରମ୍ଭ କରାଯାଇଥିଲା। ସନ୍ଧ୍ୟା ୬ଟାରେ ରଥ ଚାଳନା ବନ୍ଦ କରାଯାଇ ସମସ୍ତ ସେବାୟତ ମନ୍ଦିରକୁ ଫେରିଥିଲେ। ସନ୍ଧ୍ୟାରେ ଆଳତୀ କରାଯାଇ ରାତି ୯ଟାରେ ଗର୍ଭଗୃହକୁ ଧୁଆଯାଇ ରାତି ପୂଜାର ଆୟୋଜନ କରାଯାଇଥିଲା। ପୂଜା କାର୍ଯ୍ୟ ପୁରୋଧା ଜ୍ଞାନରଞ୍ଜନ ପତି, ମନୋରଞ୍ଜନ ପତି ସମାପନ କରିଥିବାବେଳେ ରାତିର ଷୋଡ଼ଶୋପଚାର ପୂଜାକୁ ସରୋଜ କୁମାର ପତି, ବିରଜା ଶଙ୍କର ପତି, ବିରଜା କିଙ୍କର ପତି ସମାପନ କରିଛନ୍ତି। ରଥଯାତ୍ରା ସମୟରେ ମାଜିଷ୍ଟ୍ରେଟଭାବେ ଦଶରଥପୁର ତହସିଲଦାର କୈଳାସ ଚନ୍ଦ୍ର ମହାଳିକ ଉପସ୍ଥିତ ଥିଲେ।

## ବିଭିନ୍ନ ଅଭିଯୋଗରେ ପଞ୍ଚାୟତବାସୀଙ୍କ ଅନଶନ

ଯାଜପୁର ଟାଉନ,୩୦।୯(ଡିଏନଏ)

ଯାଜପୁର ବ୍ଲକ ଶ୍ୟାମଦାସପୁର ପଞ୍ଚାୟତବାସୀ ସୋମବାର ବିଭିନ୍ନ ଅଭିଯୋଗକୁ ନେଇ ବ୍ଲକ କାର୍ଯ୍ୟାଳୟରେ ଅନଶନରେ ବସିଛନ୍ତି। ଦୀର୍ଘଦିନ ହେବ ଯାଜପୁର ବିଡିଓଙ୍କୁ ତାଙ୍କ ପଞ୍ଚାୟତର ବିଭିନ୍ନ ସମସ୍ୟା ବିଷୟରେ ଅବଗତ କରାଯାଇଥିଲେ ମଧ ବିଡିଓ ତାଙ୍କ କଥାକୁ କର୍ଣ୍ଣପାତ କରୁନାହାନ୍ତି। ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଗ୍ରାମ ପଞ୍ଚାୟତରେ ହୋଇଥିବା ପିଠା କାର୍ଯ୍ୟକ୍ରମ ବାବଦକୁ ଆସିଥିବା ଅର୍ଥ ବ୍ଲକରୁ ଉଠାଇ ଦେଉନାହାନ୍ତି, ଗୋପବନ୍ଧୁ ଗ୍ରାମୀଣ ଯୋଜନାରେ ପଞ୍ଚାୟତର କଳସପୁର ଗ୍ରାମ ରାସ୍ତା ପାଇଁ ୧ଲକ୍ଷ ଟଙ୍କା ମଞ୍ଜୁର ହୋଇ କାର୍ଯ୍ୟ ଶେଷ ହୋଇଥିଲେ ମଧ ଉକ୍ତ ଅର୍ଥକୁ କାର୍ଯ୍ୟ କରିଥିବା ଲୋକଙ୍କୁ ଦିଆ ନ ଯାଇ ବ୍ଲକରେ ଆତ୍ମସାତ କରାଯାଇଥିବା ଅଭିଯୋଗ କରିଛନ୍ତି।




ଅନଶନ କରୁଥିବା ଶ୍ୟାମଦାସପୁର ପଞ୍ଚାୟତବାସୀ।

୨୦୧୯ରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ୧୦ଟି ଟାର୍ଗେଟ୍ ଥିଲାବେଳେ ସେଥିମଧ୍ୟରୁ ୫ଜଣଙ୍କୁ ଯୋଗ୍ୟ ରୂପେ ଚିହ୍ନଟ କରାଯାଇଥିଲା। ମାତ୍ର ସେମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଦିଆ ନ ଯାଇ ଅଯୋଗ୍ୟ ବ୍ୟକ୍ତିଙ୍କୁ ଦେବାପାଇଁ ମସୁଧା କରିଥିବା ଅଭିଯୋଗ ହୋଇଛି। ଏହି ଅନଶନରେ ଶ୍ୟାମଦାସପୁର ସରପଞ୍ଚ ଗଣେଶ୍ୱର ଦାସଙ୍କ ସମେତ ବହୁ ବ୍ୟକ୍ତି ସାମିଲ ହୋଇଛନ୍ତି।

## ଚଣ୍ଡିଖୋଲ କୋର୍ଟ ବାର୍ ଆସୋସିଏଶନର ପ୍ରତିବାଦ

ଚଣ୍ଡିଖୋଲ,୩୦।୯(ଡ଼ି.ଏନ.ଏ): ଚଣ୍ଡିଖୋଲ କୋର୍ଟ ବାର ଆସୋସିଏଶନ ତରଫରୁ ବିଭିନ୍ନ ଦାବି ନେଇ ସୋମବାର ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। କଳା ବ୍ୟାଜ ପରିଧାନ କରି ଅଇନଜୀବୀମାନେ କାର୍ଯ୍ୟ କରିଥିଲେ। ଚଣ୍ଡିଖୋଲଠାରେ ଏକ ଅତିରିକ୍ତ ଜିଲା ଜଜ୍ କୋର୍ଟ ସ୍ଥାପନ, ଏକ ସବ୍‌ଜେଲ ପ୍ରତିଷ୍ଠା, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ନିଯୁକ୍ତି ଦାବି ଓ ଚଣ୍ଡିଖୋଲ କୋର୍ଟ ଅଧୀନରୁ ନେଇ ଯାଜପୁର କୋର୍ଟ ଅଧୀନରେ କରାଯାଇଥିବା କୁଆଖିଆ ଥାନା ପରିସୀମାକୁ ଚଣ୍ଡିଖୋଲକୁ ପ୍ରତ୍ୟାବର୍ତ୍ତନ ଆଦି ଦାବି କରି ପ୍ରତିବାଦ କରାଯାଇଥିଲା। ବାର ଆସୋସିଏଶନ ସଭାପତି ଜନ୍ ବେହେରା ଓ ସମ୍ପାଦକ ଉଦୟନାଥ ସାହୁଙ୍କ ନେତୃତ୍ୱରେ ସମସ୍ତ ଆଇନଜୀବୀମାନେ ଏଥିରେ ସାମିଲ ହୋଇଥିଲେ। ଏ ସମ୍ପର୍କରେ ସେ ପୂର୍ବରୁ ଲିଖିତ ଭାବେ ହାଇକୋର୍ଟ ମୁଖ୍ୟ ବିଚାରପତି, ରାଜ୍ୟ ମୁଖ୍ୟମନ୍ତ୍ରୀ, ଆଇନମନ୍ତ୍ରୀ , ଗୃହମନ୍ତ୍ରୀ, ପୋଲିସ ଡ଼ି.ଜି, ଜେଲ ବିଭାଗର ଅତିରିକ୍ତ ଡିଜି, ଯାଜପୁର ଜିଲା ଜଜ, ଜିଲାପାଳ, ଜିଲା ଆରକ୍ଷୀ ଅଧୀକ୍ଷକ ଓ ଜିଲାର ସମସ୍ତ ବିଧାୟକଙ୍କୁ ଅବଗତ କରାଇଥିଲେ ମଧ ଏ ପର୍ଯ୍ୟନ୍ତ କୌଣସି ସୁଫଳ ନ ମିଳିବାରୁ ଏହାର ପ୍ରତିବାଦ ସ୍ୱରୂପ କଳାବ୍ୟାଚ୍ ପରିଧାନ କରିଥିଲେ। ଯଦି ତୁରନ୍ତ ଦାବିଗୁଡ଼ିକ ପୂରଣ ନ କରାଯାଏ ପୁଜା ଛୁଟି ପରେ ଆନ୍ଦୋଳନ ବ୍ୟାପକ କରାଯିବ ବୋଲି ସେମାନେ ସୂଚନା ଦେଇଛନ୍ତି।

### ଦୁର୍ଘଟଣାଗ୍ରସ୍ତ କଣ୍ଟେନରରୁ ଚିଙ୍ଗୁଡି ଲୁଟ୍ ଖବର ମିଥ୍ୟା

## ଜିଲାପାଳଙ୍କ ନିକଟରେ ଅଞ୍ଚଳବାସୀଙ୍କ ଅଭିଯୋଗ

ରସୁଲପୁର,୩୦।୯(ଡିଏନଏ)

ରସୁଲପୁର ବ୍ଲକ ବାରବାଟୀ ପଞ୍ଚାୟତର ୧୬ନଂ ପାର୍ଶ୍ୱସ୍ଥ ଓଡଙ୍ଗ ଗ୍ରାମ ନିକଟରେ ଗତ ୨୨ତାରିଖ ଭୋରୁ ଏକ ଚିଙ୍ଗୁଡି ବୋଝେଇ କଣ୍ଟେନର ଓଲଟି ପଡିଥିଲା। ଉକ୍ତ କଣ୍ଟେନରରୁ ସ୍ଥାନୀୟ ଅଞ୍ଚଳର ଲୋକେ ୪ଟନ୍ ଚିଙ୍ଗୁଡି ଲୁଟି ନେଇଥିବା ସମ୍ପର୍କରେ ପରଦିନ ଏକ ଦୈନିକ ଖବର କାଗଜରେ ପ୍ରକାଶିତ ହୋଇଥିଲା । ଉକ୍ତ ଖବର ପ୍ରସାରଣକୁ ନେଇ ସ୍ଥାନୀୟ ଅଞ୍ଚଳରେ ଲୋକଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି । ମିଥ୍ୟା ଓ କପୋଳକଳ୍ପିତ ଖବର ପ୍ରସାରଣ କରାଯାଇ ବାରବାଟୀ ଅଞ୍ଚଳକୁ ସର୍ବସାଧାରଣରେ ବଦନାମ କରାଯାଉଥିବା ଦର୍ଶାଇ ସ୍ଥାନୀୟ ଅଞ୍ଚଳର ଯୁବକ ବିକ୍ରମ କିଶୋର ଦାସ, ସାରୋଜକାନ୍ତ ସାହୁ, ଶକ୍ତିପ୍ରକାଶ ଦାସ, ଅରବିନ୍ଦ ରାଉତ, ଶ୍ରୀବତ୍ସ ନାୟକ, ମନମୋହନ ରାଉତ, ଆଲୋକ ମଲିକ, ସାଗର ମଲିକ, ଅଧିର ମଲିକ, ବିଶ୍ୱରଞ୍ଜନ ପ୍ରଧାନ, ଦିଲୀପ ପଣ୍ଡା, ଦିବ୍ୟରଞ୍ଜନ ପ୍ରଧାନ ପ୍ରମୁଖ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଏଥିସହ ଉକ୍ତ ଘଟଣାର ସତ୍ୟାସତ୍ୟ ସମ୍ପର୍କରେ ତଦନ୍ତ କରିବା ନେଇ ଧର୍ମଶାଳା ଥାନାରେ ଅଭିଯୋଗର ଏକ ନକଲ ପ୍ରଦାନ କରିଥିବା ଜଣାଯାଇଛି। ପ୍ରକାଶ ଯେ, ଘଟଣା ଦିନ ଭୋର ୪ଟାରେ ଚିଙ୍ଗୁଡି କଣ୍ଟେନର ଓଲଟି ଥିଲା। ଧର୍ମଶାଳା ପୋଲିସ ଘଟଣାସ୍ଥଳରୁ କଣ୍ଟେନର ଚାଳକ ଓ ହେଲପରଙ୍କୁ ଉଦ୍ଧାର କରିଥିଲା । ଏଥିସହ ଦୁର୍ଘଟଣାଗ୍ରସ୍ତ କଣ୍ଟେନରକୁ ଜଗି ରହିଥିଲା । ଏହାସତ୍ତ୍ୱେ ୪ଟନ୍ ଚିଙ୍ଗୁଡି କିପରି ଲୁଟ ହେଲା ବୋଲି ଅଭିଯୋଗକାରୀମାନେ ପ୍ରଶ୍ନ କରିଛନ୍ତି। ବୀମା ଅର୍ଥ ହାତେଇବା ପାଇଁ କମ୍ପାନୀ ମାଲିକ ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କୁ ବଦନାମ୍ କରିବାକୁ ପ୍ରୟାସ କରିଛନ୍ତି ବୋଲି ଅଞ୍ଚଳବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଅଭିଯୋଗ କରିଛନ୍ତି।

### ସ୍କୁଲ ପରିଚାଳନା କମିଟି ସଭାପତିଙ୍କ ବହିଷ୍କାର ଦାବି

## ଧାରଣା ଦେଲେ ଛାତ୍ରୀଛାତ୍ର

ଛତିଆ,୩୦।୯(ଡିଏନ୍ଏ)

ବଡଚଣା ବ୍ଲକ ଛତିଆ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ସୋମବାର ଏକ ଅପ୍ରିତିକର ପରିସ୍ଥିତି ଦେଖିବାକୁ ମିଳିଥିଲା। ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ପରିଚାଳନା କମିଟି ସଭାପତିଙ୍କୁ ବହିଷ୍କାର ଦାବିରେ ଆନ୍ଦୋଳନ କରିଥିଲେ। ପ୍ରକାଶ ଯେ, ଉକ୍ତ ବିଦ୍ୟାଳୟର ଶିକ୍ଷକ ରସାନନ୍ଦ ନାୟକଙ୍କ ବିରୋଧରେ ପରିଚାଳନା କମିଟି ସଭାପତିଙ୍କ ସହିତ କମିଟିର କିଛି ସଦସ୍ୟ ଅଗଷ୍ଟ ୨୯ରେ ଗଣଶିକ୍ଷା ମନ୍ତ୍ରୀଙ୍କ ପାଖରେ ଅଭିଯୋଗ ପତ୍ର ଦାଖଲ କରିଥିଲେ। ଉକ୍ତ ଅଭିଯୋଗ ପତ୍ର ଉପରେ ତଦନ୍ତ ପାଇଁ ଗଣଶିକ୍ଷା ମନ୍ତ୍ରୀ ଯାଜପୁର ଜିଲା ଶିକ୍ଷାଧିକାରୀଙ୍କୁ ଅନୁସନ୍ଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହିକ୍ରମରେ ଯାଜପୁର ଜିଲା ଶିକ୍ଷାଧିକାରୀ ବଡଚଣା ବ୍ଲକ ଶିକ୍ଷାଧିକାରୀ ସସ୍ମିତା ସାହୁଙ୍କୁ ଅନୁସନ୍ଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ସାହୁ ସୋମବାର ଅନୁସନ୍ଧାନ ପାଇଁ ବିଦ୍ୟାଳୟରେ ପହଞ୍ଚିଥିଲେ। ସାହୁ ପହଞ୍ଚିବା କ୍ଷଣି ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରବୀନ୍ଦ୍ର ପ୍ରଧାନଙ୍କୁ ସଭାପତି ପଦରୁ ହଟାଇବା ପାଇଁ ଦାବି କରିଥିଲେ। ଏଥି ସହିତ ଶିକ୍ଷକଙ୍କ ବିରୋଧରେ କରାଯାଇଥିବା ଅଭିଯୋଗ ଭିତ୍ତିହୀନ ଓ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ବଡଚଣା ଶିକ୍ଷାଧିକାରିଣୀଙ୍କ ନିକଟରେ ଲିଖିତ ଅଭିଯୋଗ କରିବା ସହିତ ବିଦ୍ୟାଳୟ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ସଭାପତି ପ୍ରଧାନଙ୍କ ବିରୋଧରେ ନାରାବାଜି କରିଥିଲେ। ପରିସ୍ଥିତି ଉତ୍ତେଜନାମୂଳକ ହେବାରୁ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ବାସନ୍ତି ଓଝା ବୈରୀ ଥାନାଧିକାରୀଙ୍କୁ ଅବଗତ କରାଇଥିଲେ। ତୁରନ୍ତ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ଶାନ୍ତ କରିବା ସହିତ ଉକ୍ତ ସମୟରେ ବଡ଼ଚଣା ଶିକ୍ଷାଧିକାରିଣୀ ସସ୍ମିତା ସାହୁ ତଦନ୍ତ କରି ଫେରି ଯାଇଥିଲେ। ପରେ ପୋଲିସ ଓ ଶିକ୍ଷୟିତ୍ରୀ ଶିକ୍ଷକମାନେ ବୁଝାସୁଝା କରିବାରୁ ଛାତ୍ରୀଛାତ୍ରମାନେ ୬.୩୦ ପରେ ଧାରଣାସ୍ଥଳରୁ ଉଠି ଘରକୁ ଯାଇଥିଲେ। ଏହାସତ୍ତ୍ୱେ ପରିସ୍ଥିତି ସ୍ୱାଭାବିକ ନ ଥିବା ଜଣାପଡିଛି ଏବଂ ସାହୁ ତାଙ୍କ ତଦନ୍ତ ରିପୋର୍ଟ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବା ସହିତ ଉକ୍ତ ଘଟଣା ଉପରେ ସବିଶେଷ ମତ ଦେବାକୁ ମନା କରିଥିଲେ।



ସ୍କୁଲ ସାମ୍ନାରେ ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରୁଛି।

## ୨ ବର୍ଷ ଚାଲାନି ୬ କୋଟିର ରାସ୍ତା



କଳକଳାଠାରୁ ଢେଙ୍କାନାଳ ସୀମାନ୍ତ ପୂର୍ଣ୍ଣଚନ୍ଦ୍ରପୁର ରାସ୍ତା

ଯାଜପୁର ଅଫିସ,୩୦।୯

**ଜାରକା ଗ୍ରାମ୍ୟ ନିର୍ମାଣ ଡିଭିଜନ**

■ପଡ଼ୋଶୀ ଜିଲାକୁ ସଡ଼କ ଯୋଗାଯୋଗ ଲକ୍ଷ୍ୟଚ୍ୟୁତ

ରାଜ୍ୟର ପର୍ଯ୍ୟଟନର ବିକାଶ ଓ ପ୍ରଚାରପ୍ରସାର ପାଇଁ ପଡୋଶୀ ଜିଲା ମଧ୍ୟରେ ସଡକ ଯୋଗାଯୋଗକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ଏହିକ୍ରମରେ ଯାଜପୁର ଓ ଢେଙ୍କାନାଳ ଜିଲାର ବିଭିନ୍ନ ପର୍ଯ୍ୟଟନସ୍ଥଳୀକୁ ଯୋଗାଯୋଗ କରିବାକୁ ମୁଖ୍ୟମନ୍ତ୍ରୀ ସଡକ ଯୋଜନା(ଏମଏମଏସୱାଇ) ନିର୍ମାଣ ହୋଇଛି। ଏଥିପାଇଁ ଯାଜପୁର ଜିଲାର ବଡ଼ଚଣା ବ୍ଲକ କଳକଳାଠାରୁ ଢେଙ୍କାନାଳ ଜିଲା ସୀମାନ୍ତବର୍ତ୍ତୀ ପୂର୍ଣ୍ଣଚନ୍ଦ୍ରପୁର ପର୍ଯ୍ୟନ୍ତ ପକ୍କା ରାସ୍ତା ନିର୍ମାଣ ପାଇଁ ବିଭାଗୀୟ ମଞ୍ଜୁରୀ ମିଳିଥିଲା। ଏହି ୧୩.୧୬୩ କିମି ରାସ୍ତା ନିର୍ମାଣ ଜାରକା ଗ୍ରାମ୍ୟ ନିର୍ମାଣ ଡିଭିଜନ ଦ୍ୱାରା ୨୦୧୭ ଅକ୍ଟୋବର ମାସରେ ଶେଷ ହୋଇଛି। ହେଲେ ଭୁବନେଶ୍ୱରର ଜଣେ ଠିକାଦାରଙ୍କ ନାମରେ କାର୍ଯ୍ୟଦେଶ ଦିଆଯାଇ ସ୍ଥାନୀୟ କେତେକ ଠିକାଦାରଙ୍କ ଜରିଆରେ ନିମ୍ନମାନର କାର୍ଯ୍ୟ ସମ୍ପାଦନ କରି ଆବଣ୍ଟିତ ଅନୁଦାନର ସିଂହଭାଗ ଅର୍ଥ ହରିଲୁଟ ହୋଇଥିବା ଖବର ଲୋକଲୋଚନକୁ ଆସିଛି। ଫଳରେ ରାସ୍ତା ସମ୍ପୂର୍ଣ୍ଣ ହେବାର ବର୍ଷେ ନ ପୂରୁଣୁ ଅନେକ ଜାଗାରେ ରାସ୍ତା ଦବି ଯାଇ ସ୍ଥାନେସ୍ଥାନେ ଫାଟ ସୃଷ୍ଟି ହୋଇଛି। ଫଳରେ ପଡ଼ୋଶୀ ଢେଙ୍କାନାଳ ଜିଲାକୁ ଯୋଗାଯୋଗ ପୁଣି ବ୍ୟାହତ ହେବାର ସମ୍ଭାବନା ସୃଷ୍ଟି କରିଛି।

କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୀତ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା (ପିଏମ୍‌ଜିଏସ୍‌ୱାଇ)ରେ ଅପହଞ୍ଚ ଗ୍ରାମ୍ୟ ରାସ୍ତାଗୁଡ଼ିକୁ ସୁଦୃଢ ପକ୍କା ଏବଂ ଦୀର୍ଘସ୍ଥାୟୀ ରାସ୍ତା ନିର୍ମାଣ କରିବା ଏହି ଏମ୍ଏମ୍ଏସ୍‌ୱାଇର ଲକ୍ଷ୍ୟ। ତେବେ ମୁଖ୍ୟମନ୍ତ୍ରୀଙ୍କ ଏହି ଯୋଜନା କେତେକ ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ଅସାଧୁ ମେଣ୍ଟ ଯୋଗୁ ଦୀର୍ଘସ୍ଥାୟୀ ହୋଇପାରୁ ନାହିଁ। ୨୦୧୫-୧୬ ଆର୍ଥିକ ବର୍ଷରେ ଯାଜପୁର ଜିଲାର ବଡ଼ଚଣା ବ୍ଲକ କଳାକଳାଠାରୁ ଢେଙ୍କାନାଳ ଜିଲା ସୀମାନ୍ତ ପୂର୍ଣ୍ଣଚନ୍ଦ୍ରପୁର ଗ୍ରାମ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ୭କୋଟି ୮୦ଲକ୍ଷ ୯ହଜାର ଟଙ୍କା ମଞ୍ଜୁର ହୋଇଥିବାବେଳେ ୫କୋଟି ୯୦ଲକ୍ଷ ୮୬ ହଜାର ଟଙ୍କା ଖର୍ଚ୍ଚ ହୋଇଛି। କିଲୋମିଟର ପିଛା ୪୪ ଲକ୍ଷ ୮୯ ହଜାର ଟଙ୍କା ବିନିଯୋଗ କରାଯାଇଛି। ଏହି ରାସ୍ତା ଉପରେ ୫ଟି ଗ୍ରାମର ୧୫୦୦ ଲୋକ ଉପକୃତ ହେବେ ବୋଲି କୁହାଯାଇଥିଲା। ବ୍ୟୟ ଅଟକଳ ଅନୁସାରେ ୬ମିଟର ଓସାରରେ ରାସ୍ତା ନିର୍ମାଣ କରାଯାଇଥିଲେ ହେଁ ବିଭିନ୍ନ ଜାଗାରେ ରାସ୍ତା ଧସି ଏବେ ସଙ୍କୁଚିତ ହେବାରେ ଲାଗିଛି। ଜମି ବିବାଦ ଯୋଗୁ ରାସ୍ତା କାର୍ଯ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ ନ ହୋଇ ୧ବର୍ଷ ଅଧିକ ସମୟ ଲାଗିଥିଲା। ତେବେ ନିର୍ମାଣ ଶେଷ ହେବାର ୨ବର୍ଷ ପୂରିବାକୁ ଯାଉଛି। ହେଲେ ଆବଶ୍ୟକ ନିର୍ମାଣ ସାମଗ୍ରୀ ଏଥିରେ ବ୍ୟବହାର ନ କରି ନିମ୍ନମାନର ସାମଗ୍ରୀ ଦ୍ୱାରା ସ୍ଥୁଳତା (ଥିକନେସ) ଉପରେ ଗୁରୁତ୍ୱ ଦିଆଯାଇ ନାହିଁ। ଫଳରେ ରାସ୍ତା ମଝିରେ ବିଭିନ୍ନ ସ୍ଥାନରେ ଫାଟ ସୃଷ୍ଟି ହୋଇଥିବାବେଳେ ଉଭୟ ପାର୍ଶ୍ୱ ରାସ୍ତା ଦବିବାକୁ ବସିଛି। ସମ୍ପୃକ୍ତ ସ୍ଥାନୀୟ ଠିକାଦାରଙ୍କ ଉପରେ ଲୋକ ପ୍ରତିନିଧିଙ୍କ ସିଧାସଳଖ ଆଶୀର୍ବାଦ ଥିବାରୁ ବିଭାଗୀୟ କଟକଣା କାମ କରି ନ ଥିବା ମନେ ହୋଇଛି। ଏ ସଂକ୍ରାନ୍ତରେ ମତାମତ ନେବାକୁ ଜାରକା ଗ୍ରାମ୍ୟ ନିର୍ମାଣ ଡିଭିଜନର ନିର୍ବାହୀ ଯନ୍ତ୍ରୀ ଭାସ୍କର ସାହୁଙ୍କ ସହ ଯୋଗାଯୋଗ ସମ୍ଭବ ହୋଇ ପାରିନାହିଁ।

## ସଂକ୍ଷେପରେ

### ଡକାୟତ ସନ୍ଦେହରେ ୪ ଗିରଫ

କୋରେଇ,୩୦।୯(ସ୍ୱ.ପ୍ର.): ପାଣିକୋଇଲି ବଜାରରୁ ସୋମବାର ସକାଳେ ପୋଲିସ ୪ଜଣ ଯୁବକଙ୍କୁ ଗିରଫ କରିଛି। ଏଥିସହ ବାଇକ୍ ୨ଟିକୁ ଜବତ କରିଛି। ଏହି ଯୁବକମାନେ ଡକାୟତି ମାମଲାରେ ସମ୍ପୃକ୍ତି ଥିବା କୁହାଯାଉଛି। ତଦନ୍ତରେ ବାଧା ଉପୁଜିବା ନେଇ ପୋଲିସ ପକ୍ଷରୁ କୌଣସି ତଥ୍ୟ ପ୍ରଦାନ କରାଯାଇ ନାହିଁ। ମଙ୍ଗଳବାର ସେମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଜଣାପଡିଛି। ପ୍ରକାଶ ଯେ, ସକାଳେ ୪ ଜଣ ଯୁବକ ୨ଟି ବାଇକ୍‌ରେ ଆସି ପାଣିକୋଇଲି ବଜାରରେ ପହଞ୍ଚିଥିବାବେଳେ ପୋଲିସ ସେମାନଙ୍କୁ ଗିରଫ କରିଥିଲା।

### ସାମାଜିକ କର୍ମୀଙ୍କ ପରଲୋକ

ବରୀ/ରତ୍ନଗିରି, ୩୦।୯(ସ୍ୱ.ପ୍ର/ଡି.ଏନ୍.ଏ.): ବରୀ ବ୍ଲକ କଳାମାଟିଆ ପଞ୍ଚାୟତର ସାମାଜିକ କର୍ମୀ ଲକ୍ଷ୍ମୀଧର ପରିଡା(୭୯)ଙ୍କ ସୋମବାର ପରିଲୋକ ଘଟିଛି। ସେ ବରୀ ବ୍ଲକର ମୁଖ୍ୟ କିରାଣୀ ଭାବେ କାର୍ଯ୍ୟକରିଥିଲେ। ଅବସର ପରେ ବିଭିନ୍ନ ସାମାଜିକ କାର୍ଯ୍ୟରେ ଯୋଗଦେଇ ଅଞ୍ଚଳରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ତାଙ୍କର ମୃତ୍ୟୁ ଖବର ପାଇ ବରୀ ବିଧାୟିକା ସୁନନ୍ଦା ଦାସ, ଜିଲା ପରିଷଦ ସଭ୍ୟ ଅଶୋକ ସାମଲ, ସରପଞ୍ଚ ସନ୍ତୋଷ ସାମଲ, ସରପଞ୍ଚ କେଦାର ସାମଲଙ୍କ ସମେତ ବହୁ ବୁଦ୍ଧିଜୀବୀ ଶେଷଦର୍ଶନ କରିଥିଲେ। ଜ୍ୟେଷ୍ଠ ପୁତ୍ର ସମୀର ପରିଡା ମୁଖାଗ୍ନି ଦେଇଥିଲେ।

### ବ୍ୟାସନଗର ସ୍ୱୟଂ ଶାସିତ ମହାବିଦ୍ୟାଳୟ ବ୍ରାହ୍ମଣୀ, ବୈତରଣୀ ନାମରେ ୨ ହଷ୍ଟେଲ ନାମିତ

ଯାଜପୁର ରୋଡ,୩୦।୯(ନି.ପ୍ର): ବ୍ୟାସନଗର ସ୍ୱୟଂ ଶାସିତ ମହାବିଦ୍ୟାଳୟର ଛାତ୍ରୀମାନଙ୍କ ପାଇଁ କରାଯାଇଥିବା ୨ ହଷ୍ଟେଲକୁ ବ୍ରାହ୍ମଣୀ ଓ ବୈତରଣୀ ନାମରେ ନାମିତ କରାଯାଇଛି। ଏହି ପରିପ୍ରେକ୍ଷୀରେ ରବିବାର କଲେଜର ଅଧ୍ୟକ୍ଷ ଆବୁତାରିଙ୍କ ସଭାପତିତ୍ୱରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ କୋରେଇ ବିଧାୟକ ଅଶୋକ ବଳ ଯୋଗଦେଇ ଛାତ୍ରୀଆବାସ ସରସ ସୁନ୍ଦର କରିବା ସହ ସେଗୁଡିକର ସୁରକ୍ଷା ଉପରେ କଲେଜ କର୍ତ୍ତୃପକ୍ଷ ବିଶେଷ ଧ୍ୟାନ ଦେବାପାଇଁ ପରାମର୍ଶ ଦେଇଥିଲେ। ଏଥିସହ ଛାତ୍ରୀମାନେ ନିଜର ଜୀବନଜୀବିକା ନିରୂପଣ କରିବା ସହ କଲେଜର ସୁନାମ ଆଣିବା ପାଇଁ ଆହ୍ୱାନ ଦେଇଥିଲେ ଏବଂ ଅଧ୍ୟକ୍ଷଙ୍କୁ ସୁପରିଚାଳନା ପାଇଁ ବିଧାୟକ ସମ୍ମାନିତ କରିଥିଲେ। ମୁଖ୍ୟ ବକ୍ତାଭାବେ ସ୍ପେଶାଲ ସେକ୍ରେଟାରି ଅର୍ଥ ବିଭାଗ(ସ୍ୱତନ୍ତ୍ର ସଚିବ) ପ୍ରଦୀପ ବିଶ୍ୱାଳ ଯୋଗଦେଇଥିଲେ। ଏହି ଅବସରରେ ହଷ୍ଟେଲର ଅନ୍ତେବାସୀନିଙ୍କ ଦ୍ୱାରା ଯୁକ୍ତ ୩ ପ୍ରଥମ ବର୍ଷର ଛାତ୍ରୀ, ଯୁକ୍ତ ୨ ପ୍ରଥମ ବର୍ଷର ଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ ଏକ ସ୍ୱାଗତ ଉତ୍ସବ କରାଯାଇଥିଲା। ଛାତ୍ରୀ ନିବାସର ସୁପରିଣ୍ଟେଣ୍ଡେଣ୍ଟ ମମତା ସାମଲଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ବିନୋଦ ବିହାରୀ ସାହୁ ଧନ୍ୟବାଦ ଦେଇଥିଲେ।

## ■ ୭ମାସ ପରେ ବି ରାସ୍ତା ହେଲାନି ହସ୍ତାନ୍ତର
# ମରାମତି ହୋଇପାରୁନି ଖାଲଖମା

ଚଣ୍ଡିଖୋଲ, ୩୦।୯(ଡ଼ି.ଏନ.ଏ)

ବଡ଼ଚଣା ବ୍ଲକ ଅଞ୍ଚଳରେ ରହିଥିବା ୩ଟି ଜଳ ସମ୍ପଦ ବିଭାଗ ରାସ୍ତା ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯାଇଥିବା ନେଇ ସରକାରଙ୍କ ତରଫରୁ ୭ମାସ ତଳୁ ନିଷ୍ପତ୍ତି ହୋଇସାରିଥିଲାବେଳେ ତାହା ଅଦ୍ୟାବଧି ସ୍ଥାନାନ୍ତର ହୋଇନାହିଁ। ଯେଉଁଥି ପାଇଁ ସମ୍ପୃକ୍ତ ରାସ୍ତାକାର୍ଯ୍ୟ କେଉଁ ବିଭାଗ କରିବ ତାହାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ଏହାଦ୍ୱାରା ସ୍ଥାନୀୟ ଜନସାଧାରଣ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ସମ୍ପୃକ୍ତ ରାସ୍ତାଗୁଡ଼ିକ ଖାଲଖମାରେ ଭର୍ତ୍ତି ହୋଇଥିଲାବେଳେ ଏହାର ମରାମତି ଅଭାବରୁ ଯାତାୟାତ ଏକ ପ୍ରକାର ଠପ୍ ହୋଇଯାଇଛି। ସୂଚନା ଥାଉକି, କେନ୍ଦ୍ରାପଡ଼ା ଜଳସମ୍ପଦ ଡିଭିଜନ ଅଧୀନରେ ବାଲିଚନ୍ଦ୍ରପୁରଠାରୁ ଦେକୁରୀ ପର୍ଯ୍ୟନ୍ତ ରାସ୍ତା ରହିଥିବାବେଳେ ଜାରକା ଜଳସମ୍ପଦ ଡିଭିଜନ ଅଧୀନରେ ରହିଛି ଜନକଠାରୁ ହଳଧରପୁର ପର୍ଯ୍ୟନ୍ତ କେଲୁଅ ନଦୀ ବନ୍ଧ ରାସ୍ତା ଓ ହାଇଲେବୁଲ କେନାଲ ବୈରୀଠାରୁ ଚଣ୍ଡିଖୋଲ ଜଳସମ୍ପଦ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିବା ରାସ୍ତା। ଏହି ୩ଟି ରାସ୍ତାକୁ ରାଜ୍ୟ ସରକାରଙ୍କ ପୂର୍ତ୍ତ ବିଭାଗ ତରଫରୁ ଫେବୃୟାରୀ ୧୯ ଚିଠି ନମ୍ବର ୨୩୯୬ରେ ଜଳସମ୍ପଦ ବିଭାଗଠାରୁ ପୂର୍ତ୍ତ ବିଭାଗକୁ ଯିବା ପାଇଁ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ସମସ୍ତ ରାସ୍ତା ପୂର୍ତ୍ତ ବିଭାଗ ଚାରିବାଟିଆ ଡିଭିଜନ ଅଧୀନ ବଡ଼ଚଣା ସବ୍‌ଡିଭିଜନ ଅଧୀନରେ ରହିବ ବୋଲି ପତ୍ରରେ ଉଲ୍ଲେଖ ରହିଥିଲା। ଜଳ ସମ୍ପଦ ବିଭାଗ ନିକଟରେ ରହିଥିବା ରାସ୍ତା କାର୍ଯ୍ୟ ଅନୁନ୍ନତ ରହିବା ଓ ବିଭାଗ ତରଫରୁ ରାସ୍ତା ନିର୍ମାଣ ବାବଦରେ ବ୍ୟୟ ବରାଦ କରା ନ ଯିବା ଯୋଗୁ ଏହାକୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯାଇଥିଲା। ତେବେ ସରକାରଙ୍କ ଚିଠିର ୭ମାସ ପରେ ବି ହସ୍ତାନ୍ତର ପ୍ରକ୍ରିୟା ଶେଷ ହୋଇନାହିଁ। ବାଲିଚନ୍ଦ୍ରପୁରଠାରୁ ଦେକୁରୀ ପର୍ଯ୍ୟନ୍ତ ୧୦ କି.ମି ୨୦୦ ମିଟର ରାସ୍ତା ରହିଥିଲାବେଳେ ଜନକଠାରୁ ହଳଧରପୁର ପର୍ଯ୍ୟନ୍ତ ୧୨ କିଲୋମିଟର ଓ ବୈରୀଠାରୁ ଚଣ୍ଡିଖୋଲ ପର୍ଯ୍ୟନ୍ତ ୧୨ କି.ମି ୮୦୦ ମିଟର ରାସ୍ତା ରହିଛି। ଏହା ପୂର୍ତ୍ତ ବିଭାଗ ଅଧୀନକୁ ଅଦ୍ୟାବଧି ଯାଇନାହିଁ। ତେବେ ଜଳସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀମାନେ ଏ ସମ୍ପର୍କରେ ଉଲ୍ଲେଖ କରିଥିଲେ ମଧ୍ୟ ଏହା ସଚିବସ୍ତରକୁ ଯାଇ ନ ଥିବା ଜଣାପଡ଼ିଛି। ସୂଚନା ଥାଉକି, ବାଲିଚନ୍ଦ୍ରପୁରରୁ ଦେକୁରୀ ପର୍ଯ୍ୟନ୍ତ ରାସ୍ତା ଅବସ୍ଥା ଅତ୍ୟନ୍ତ ଖରାପ ହୋଇଯାଇଛି। ଏପରିକି ୧୦କି.ମି ରାସ୍ତାରେ ଗାଡ଼ ଭର୍ତ୍ତି ହୋଇଛି। ଯେଉଁଥିପାଇଁ ଏହି ରାସ୍ତାଦେଇ ଯାତାୟାତ କରିବା ଜନସାଧାରଣଙ୍କ ପାଇଁ କଷ୍ଟକର ହୋଇପଡ଼ିଛି। ତେଣୁ ସମ୍ପୃକ୍ତ ରାସ୍ତାକୁ ତୁରନ୍ତ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯାଇ ନିର୍ମାଣ କାର୍ଯ୍ୟ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଜଳସମ୍ପଦ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଚଣ୍ଡେଶ୍ୱର ମେହେରଙ୍କୁ ପଚାରିବାରେ, ଏ ପର୍ଯ୍ୟନ୍ତ ହସ୍ତାନ୍ତର ପ୍ରକ୍ରିୟା ଶେଷ ହୋଇନାହିଁ। ଖୁବ୍ ଶୀଘ୍ର ଏହାକୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯିବ ବୋଲି କହିଛନ୍ତି।


ବାଲିଚନ୍ଦ୍ରପୁର-ଦେକୁରୀ ରାସ୍ତା

■ରାସ୍ତାକାର୍ଯ୍ୟ କେଉଁ ବିଭାଗ କରିବ ତାହାକୁ ନେଇ ସନ୍ଦେହ
■ତୁରନ୍ତ ନିର୍ମାଣ କାର୍ଯ୍ୟ କରିବାକୁ ଅଞ୍ଚଳବାସୀଙ୍କ ଦାବି

### 'ନିୟମିତ ବିଦ୍ୟାଳୟକୁ ଆସିବାକୁ ଆହ୍ୱାନ'

ଜେନାପୁର,୩୦।୯(ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଚାରଗୋଠ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ସୋମବାର ପୋଷାକ ବିତରଣ ଉତ୍ସବ ଅନୁଷ୍ଠିତ ହୋଇଛି। ପ୍ରଧାନ ଶିକ୍ଷକ କାହ୍ନୁ ଚରଣ ସାହୁଙ୍କ ସଭା ପତିତ୍ୱରେ ପୋଷାକ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ସହାଣୀ ଡିହ ପଞ୍ଚାୟତ ସରପଞ୍ଚ ଗିରିଧାରୀ ଜେନା ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ପୋଷାକ ସହ ବିଭିନ୍ନ ସମ୍ରଗୀ ବଣ୍ଟନ କରିଥିଲେ। ଏଥିସହ ଛାତ୍ରୀଛାତ୍ରଙ୍କୁ ନିୟମିତ ଭାବେ ବିଦ୍ୟାଳୟକୁ ଆସିବାକୁ ଆହ୍ୱାନ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ କାର୍ତ୍ତିକ ମଲ୍ଲିକ, ବୃନ୍ଦାବନ ଚନ୍ଦ୍ର ପ୍ରଧାନ, ମହେଶ ମଲ୍ଲିକ, ରଞ୍ଜିତା ଓଝା, ସୁଜାତା ରାଉତ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ଚିତ୍ତରଞ୍ଜନ ଦେଓ ସଭା ପରିଚାଳନା କରିଥିଲେ।

# ୧୮୮ ଅଭିଯୋଗରୁ ୮୧ ତତ୍କାଳ ସମାଧାନ

ଧର୍ମଶାଳା,୩୦।୯(ଡି.ଏନ୍.ଏ.)

**ଜିଲାପାଳଙ୍କ ଜନଶୁଣାଣି, ମହାସମାଧାନ ଶିବିର**

ଧର୍ମଶାଳା ବ୍ଲକ ପରିସରରେ ଜିଲା ପ୍ରଶାସନ ପକ୍ଷରୁ ମିଳିତ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲାପାଳ ରଞ୍ଜନ କୁମାର ଦାସ ଓ ଏସ୍‌ପି ଚରଣ ସିଂହ ମୀନା ଯୋଗଦେଇ ବିଭିନ୍ନ ଅଭିଯୋଗ ଶୁଣାଣି କରିଛନ୍ତି। ଶିବିରରେ ମୋଟ ୧୮୮ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥି ମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କିତ ୧୭୧, ସାମୂହିକ ୫, ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ପାଇଁ ୭ ଓ ରେଡ୍‌କ୍ରସ ସହାୟତା ଲାଗି ୫ ଆବେଦନ କରାଯାଇଥିଲା। ସେଥିରୁ ତତ୍‌କ୍ଷଣାତ ୮୧ ସମାଧାନ କରାଯାଇଥିବେଳେ ୫ ଜଣଙ୍କୁ ଟ୍ରାଇ ସାଇକେଲ ଓ ଜଣଙ୍କୁ ହ୍ୱିଲ୍ ଚେୟାର ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୭ ଜଣଙ୍କୁ ୬୫ ହଜାର ଟଙ୍କା ଓ ରେଡ୍‌କ୍ରସ ପାଣ୍ଠିରୁ ୫ ଜଣଙ୍କୁ ୧୭ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ତେବେ ଜାରକା ଶାନ୍ତି ବଜାରଠାରେ ବସୁଧା ଯୋଜନାରେ ପାଣି ଟାଙ୍କି ନିର୍ମାଣରେ ବ୍ୟାପକ ଅନିୟମିତତା ହୋଇଥିବା ଚହଟା ସମିତି ସଭ୍ୟ ମନୋଜ କୁମାର ରାଉଳ ଅଭିଯୋଗ କରିଥିଲେ। ସେହିପରି ଷ୍ଟାଡିୟମ ପରିସରରେ ବ୍ଲକ ପକ୍ଷରୁ ୪୦ ଲକ୍ଷ ଟଙ୍କା ବିନିଯୋଗରେ ନିର୍ମିତ ପଞ୍ଚାୟତ ସମିତି ସଭା ଗୃହ କାହିଁକି ନିର୍ମାଣ ହୋଇଛି ବୋଲି ସୂଚନାକର୍ମୀ ସର୍ବେଶ୍ୱର ବେହୁରା ଅଭିଯୋଗ କରିଛନ୍ତି। ଅପରପକ୍ଷେ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଭାତ ବଳବନ୍ତରାୟଙ୍କ ନେତୃତ୍ୱରେ ଜିଲା ପରିଷଦ ସଭ୍ୟ, ସମିତିସଭ୍ୟ ଓ ସରପଞ୍ଚ ସମିତି ବୈଠକ କଳ୍ପତରୁ ଦାସ ଷ୍ଟାଡିୟମ ପରିସରରେ ହେବା ପାଇଁ ଲିଖିତ ଭାବରେ ଜଣାଇଥିଲେ। ମାତ୍ର ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରାଯାଇ ପାରିବ ନାହିଁ ବୋଲି ଜିଲାପାଳ କହିଥିଲେ। ସୁନ୍ଦରିଆ ପଞ୍ଚାୟତରେ ବହୁ ଓବିସି ପରିବାର ଆଦିବାସୀ ଦର୍ଶାଇ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ପାଇଛନ୍ତି। ଓବିସି ଲୋକଙ୍କୁ କିପରି ଆଦିବାସୀ କୋଟାରେ ପ୍ରଧାନମନ୍ତ୍ରୀ ଆବାସ ଯୋଗାଇ ଦିଆଯାଇଛି। ସେ ନେଇ ବ୍ୟାପକ ହେରଫେର ହୋଇଥିବା ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରିଆଙ୍କ ସହ ସୁଶାନ୍ତ ବେହେରା, ସୁରେଶ ଜେନା, ସୁବାଷ ସେଠୀ, ନାରଣ ମଲ୍ଲିକ ପ୍ରମୁଖ ଅଭିଯୋଗ କରିଛନ୍ତି। ଏହି ଶିବିରରେ ଜିଲା ପ୍ରକଳ୍ପ ଅଧିକାରୀ ମନୋଜ ବେହେରା, ଉପଜିଲାପାଳ ନାରାୟଣ ଧଳ, ଡେପୁଟି କଲେକ୍ଟର ପ୍ରଜ୍ଞା ହୋତା, ତହସିଲଦାର ସରୋଜ କୁମାର ପଣ୍ଡା, ବିଡିଓ ହେମନ୍ତ କୁମାର ସ୍ୱାଇଁ, ସିଏସ୍‌ଓ ସୁରେନ୍ଦ୍ର କୁମାର ହୋତା, ଡେପୁଟି ନିର୍ବାହୀ ଯନ୍ତ୍ରୀ କାମଦେବ ଦାସ, ଡିଡିଏ ଶରତ କୁମାର ପୃଷ୍ଟି, କନିଷ୍ଠ ଯନ୍ତ୍ରୀ ଦୀପକ କୁମାର ଜେନା, ସିଡିପିଓ ପଦ୍ମଜା କାନୁନଗୋ, ଅଧିକାରୀ ସରୋଜ କୁମାର ସାହୁ, ଜେନାପୁର ଥାନା ଅଧିକାରୀ ସୁଶାନ୍ତ କୁମାର ଦାସ, ପ୍ରାଣୀ ଚିକିତ୍ସା ଅଧିକାରୀ ମୋନାଲିସା ପ୍ରିୟଦର୍ଶନୀ, କୃଷି ଅଧିକାରୀ ପଲ୍ଲବୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।


ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକ ଜନଶୁଣାଣି କରୁଛନ୍ତି।

## ■ ଖେଳପଡ଼ିଆରେ ଟ୍ରକ୍ ପାର୍କିଂକୁ ଗ୍ରାମବାସୀଙ୍କ ବିରୋଧ
# ଥାନାଧିକାରୀଙ୍କୁ ଦାବିପତ୍ର ପ୍ରଦାନ

କାଳିଆପାଣି,୩୦।୯(ଡି.ଏନ୍.ଏ.)

ସୁକିନ୍ଦା ବ୍ଲକ କଂସ ପଞ୍ଚାୟତର କମର୍ଦ୍ଦାଠାରେ ଥିବା ଖେଳପଡ଼ିଆରେ ଟ୍ରକ୍ ପାର୍କିଂକୁ ଗ୍ରାମବାସୀ ବିରୋଧ କରିଛନ୍ତି। ଏ ନେଇ ସୋମବାର ଦଶରଥ ମହାନ୍ତଙ୍କ ନେତୃତ୍ୱରେ ଶତାଧିକ ଗ୍ରାମବାସୀ କାଳିଆପାଣି ଥାନା ଅଧିକାରୀଙ୍କୁ ଜିଲା ପ୍ରଶାସନ ଉଦ୍ଦେଶ୍ୟରେ ଏକ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗଗୁଡ଼ିକୁ ଜିଲାପାଳଙ୍କୁ ହସ୍ତାନ୍ତର କରାଯିବ ବୋଲି ଥାନା ଅଧିକାରୀ ରମାକାନ୍ତ ମୁଦୁଲି କହିଛନ୍ତି।

ପ୍ରକାଶ ଯେ, ଖଣି ଅଞ୍ଚଳକୁ କ୍ରୋମାଇଟ ଲୋଡିଂ ପାଇଁ ଆସୁଥିବା ଟ୍ରକ୍‌ଗୁଡ଼ିକୁ ଲୋଡିଂର ସୁବିଧା ପାଇବା ପାଇଁ ଜିଲାପ୍ରଶାସନ ପକ୍ଷରୁ ଟମକା-ମଙ୍ଗଳପୁର ରାସ୍ତାର ରାଁସୋଳ ପଞ୍ଚାୟତର କଲରଙ୍ଗି ଓଏମ୍‌ସି ପଡ଼ିଆରେ ପାର୍କିଂ କରାଯାଉଛି। ଗତ କିଛି ଦିନ ପୂର୍ବରୁ କଲରଙ୍ଗି ଠାରେ ଟ୍ରକ ପାର୍କିଂୟାର୍ଡ କରି ସିରିୟଲ ପରେ ବିଭିନ୍ନ ଖଣିକୁ ଟ୍ରକ ଲୋଡ଼ିଂ ନିମନ୍ତେ ପଠାଯାଉଥିଲା। ହେଲେ ଟମକା ଅଞ୍ଚଳରୁ ଆସୁଥିବା ଟ୍ରକ୍‌କୁ ଓଡ଼ିଶା ଖଣି ନିଗମ ଖଣି ପାଇଁ କମର୍ଦ୍ଦାଠାରେ ସିରୟଲ କରାଯାଉଛି। ଗତ ୨୩ ତାରିଖରେ କମର୍ଦ୍ଦାଠାରେ ଆରମ୍ଭ ହୋଇଥିବା ଟ୍ରକ ପାର୍କିଂୟାର୍ଡକୁ ସ୍ଥାନୀୟ ଅଞ୍ଚଳ ବାସୀ ବିରୋଧ କରି ରବିବାର ଟ୍ରକ୍‌ଗୁଡ଼ିକୁ ବାହାର କରିଦେଇଥିଲେ। ସୋମବାର ସେହିସ୍ଥାନରେ ଟ୍ରକ ପ୍ରବେଶ କରି ପାର୍କିଂ କରିବାକୁ ଉଦ୍ୟମ କରୁଥିବା ଗ୍ରାମବାସୀ କହିଛନ୍ତି। ସେମାନଙ୍କ ଅଭିଯୋଗ ମୁତାବକ ଟ୍ରକ୍‌ଗୁଡିକ ପାର୍କିଂ ୟାର୍ଡକୁ ଯାତାୟାତ କରିବା ଦ୍ୱାରା ଧୂଳିଧୂଆଁରେ ଅଞ୍ଚଳ ପୂରି ରହୁଛି। ପାର୍କିଂୟାର୍ଡର ଶେଷ ଭାଗରେ ଚିରସ୍ରୋତା ଡ଼ମଶାଳ ବୋହି ଯାଉଥିବାରୁ ବନ୍ୟଜନ୍ତୁ ପାଣି ପିଇବାକୁ ଆସିଥାଆନ୍ତି। ଟ୍ରକ୍ ପାର୍କିଂ ୟାଡ଼ ହେବା ଦ୍ୱାରା ବନ୍ୟଜନ୍ତୁ ଆସିପାରୁ ନାହାନ୍ତି। ଅପରକ୍ଷେ ସ୍ଥାନୀୟ ଅଞ୍ଚଳରେ ଏକ ମାତ୍ର ସମତଳ ପଡ଼ିଆ ରହିଥିବାରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପାଳନ କରାଯାଇଥାଏ। ହେଲେ ପଡ଼ିଆରେ ଜିଲାପ୍ରଶାସନ ଅଚାନକ ଟ୍ରକ୍ ପାର୍କିଂ କରିବାକୁ ଲୋକମାନଙ୍କର ଭାବା ବେଗକୁ ଆଘାତ ଦେଇଛି। ସେହିପରି ସେହି ସ୍ଥାନରେ ସ୍କୁଲ ଓ ଖେଳପଡ଼ିଆ ପାଇଁ ଗ୍ରାମବାସୀ ସଂରକ୍ଷିତ କରି ବିଭିନ୍ନ ଗଛ ଲଗାଇ ଉନ୍ନତି କରଣ କରିଛନ୍ତି। ଟ୍ରକ୍ ପାର୍କିଂ ୟାର୍ଡ ହେବାଦ୍ୱାରା ଏ ସବୁ ପ୍ରଭାବିତ ହୋଇଛି। ଏ ଦିଗରେ ମଧ୍ୟ ଅଞ୍ଚଳବାସୀଙ୍କ ମତାମତ ନିଆଯାଇ ନ ଥିବା ଅଭିଯୋଗ କରିଛନ୍ତି। ବଟକୃଷ୍ଣ ଦେହୁରୀ, ଶିରମଣୀ ପ୍ରଧାନ, ଚିନ୍ତାମଣି ପ୍ରଧାନ, ଚାନ୍ଦମଣୀ ଦେହୁରୀ, ରାଉତରା ମୁଣ୍ଡାଙ୍କ ସମେତ ଶତାଧିକ ଗ୍ରାମବାସୀ ପ୍ରମୁଖ ଲିଖିତ ଅଭିଯୋଗ ଦେଇଥିବା ଜଣାପଡ଼ିଛି।


ଥାନାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ଗ୍ରାମବାସୀ।

## ପିଲେଟ୍ ଚୋରା ଚାଲାଣ ମାମଲା, ୩ କୋର୍ଟ ଚାଲାଣ

ଢ଼ୁବୁରୀ,୩୦।୯(ଡି.ଏନ୍.ଏ.)

କଳିଙ୍ଗନଗରସ୍ଥିତ ବିଆରପିଏଲ (ବ୍ରାହ୍ମଣୀ ରିଭର ପିଲଟେସ ଲିମିଟେଡ)କାରଖାନାରୁ ଉତ୍ପାଦିତ ପିଲେଟ ଚୋରା ଚାଲାଣ କରାଯାଉଥିବା ନେଇ ଗତ ୧୪ତାରିଖରେ ଥାନାରେ ଅଭିଯୋଗ ହୋଇଥିଲା। ଏ ନେଇ କମ୍ପାନୀ ପକ୍ଷରୁ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ.୧୫୬/୨୦୧୯) ରୁଜୁକରି ତଦନ୍ତ ଚଳାଇଥିଲା। ଏହି ମାମଲାରେ ରବିବାର ପୋଲିସ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଯଖପୁରା ଥାନା ପଙ୍କପାଳ ଗ୍ରାମର ଲୁନା ଓରଫ ତୈଲୋକନାଥ ବଳିଆରସିଂ(୪୧), ଜେନାପୁର ଥାନା ଅନ୍ତର୍ଗତ ରେଖିଦେଇପୁର ଗ୍ରାମର ସୁବ୍ରତ କୁମାର ମଲ୍ଲ(୩୭) ଏବଂ ମୁଖ୍ୟ କୁହାଯାଉଥିବା ଅନ୍ଧ୍ରପ୍ରଦେଶ ସେନିଗାମପଲ୍ଲି ଥାନା ଅନ୍ତର୍ଗତ ରାଜସ୍ୱାଗନୁହା ଆପାର୍ଟମେଣ୍ଟର ୱାଇ ଭେଙ୍କଟ ସୁବାସ(୩୭)। ଏହି ମାମଲାରେ ୨୨ ତାରିଖରେ ପୋଲିସ ୨ ଜଣଙ୍କୁ କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, ବିଆରପିଏଲ କାରଖାନାରୁ ଯାଉଥିବା ପିଲେଟ ବୋଝେଇ ଟ୍ରକ ପାରାଦୀପ ଯିବାବେଳେ ବାଟରେ ଚୋରା ଚାଲାଣ କରାଯାଉଥିଲା। କିଛିଦିନ ତଳେ କମ୍ପାନୀରୁ ଆସୁଥିବା ପିଲେଟ ପରିମାଣ କମ୍ ରହୁଥିବା ଟ୍ରାନ୍ସପୋର୍ଟର ବିଆରପିଏଲ କମ୍ପାନୀ ନିକଟରେ ଅଭିଯୋଗ କରିଥିଲା। ଏହାକୁ ନେଇ ୧୪ ତାରିଖରେ କମ୍ପାନୀ ପକ୍ଷରୁ ସ୍ୱାଗତ ସାହୁ ଥାନାରେ ଅଭିଯୋଗ କରିଥିଲେ। କେତେଗୁଡିଏ ନିର୍ଦ୍ଦିଷ୍ଟ ଗାଡିରୁ ପିଲେଟ କମ୍ ରହିଥିବା ଅଭିଯୋଗରେ ଦର୍ଶାଇଥିଲେ।

## ନିଶାସକ୍ତ ବାଇକ୍ ଚାଳକ କୋର୍ଟ ଚାଲାଣ

କୋରେଇ, ୩୦।୯(ସ୍ୱ.ପ୍ର.)

କୋରେଇ ପୋଲିସ ଜଣେ ନିଶାସକ୍ତ ବାଇକ୍ ଚାଳକଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେ ହେଲେ କେନ୍ଦୁଝର ଜିଲା ନନ୍ଦୀପଦା ଥାନା ଅନ୍ତର୍ଗତ ଡିମିରିଆ ଗ୍ରାମର ସୁକାନ୍ତ ବେହେରା। ବରୁଣ୍ଡାଇ ଲେବଲ କ୍ରସିଂ ନିକଟରେ ରବିବାର ପୋଟ୍ରୋଲିଂ ସମୟରେ ପୋଲିସ ତାଙ୍କୁ ଗିରଫ କରିଥିଲା।

## ଚାଳଘର ସାହିତ୍ୟ ସଂସଦ ନାମକୁ ନେଇ ବିବାଦ ଘଟଣା
# ତହସିଲରେ ହୋଇପାରିଲାନି ତଥ୍ୟ ଦାଖଲ

ବରୀ/ରତ୍ନଗିରି,୩୦।୯ (ସ୍ୱ.ପ୍ର/ଡି.ଏନ୍.ଏ.)

ବରୀ ଅଞ୍ଚଳରେ ଥିବା ସାହିତ୍ୟ ସଂଗଠନ ଚାଳଘର ସାହିତ୍ୟ ସଂସଦ ନାମକୁ ନେଇ ବିବାଦ ଦେଖାଦେଇଛି। ଏହାକୁ ବ୍ଲକ ଏବଂ ତହସିଲ ପ୍ରଶାସନ ବରୀରେ 'ଚାଳଘର ସାହିତ୍ୟ ସଂସଦ'ର ପ୍ରକୃତ ମାଲିକାନା କିଂଏ ଏ ନେଇ ଖୋଲତାଡ ଆରମ୍ଭ କରିଛି। ତହସିଲ କାର୍ଯ୍ୟାଳୟ ଚିଠି -ନଂ-୧୬୭୧, ତା.୨୬।୯।୧୯ରେ ବିରଜା ପ୍ରଶାଦ ପରିଡ଼ା ଓ ଅଶୋକ କୁମାର ସାହୁଙ୍କୁ ସୋମବାର ତହସିଲ କାର୍ଯ୍ୟାଳରେ ଉପସ୍ଥିତ ରହି ନିଜ ନିଜର କାଗଜପତ୍ର ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ତହସିଲଦାର ଅନୁପସ୍ଥିତ ଥିବାରୁ ତଦାରଖ କାର୍ଯ୍ୟ ହୋଇପାରି ନାହିଁ। ଅପରକ୍ଷେ ସୋମବାର ସାହିତ୍ୟ ସଂସଦର ସଭାପତି ବିରଜା ପ୍ରଶାଦ ପରିଡାଙ୍କ ପିତାଙ୍କ ପରଲୋକ ଯୋଗୁ ସେ ତହସିଲ କାର୍ଯ୍ୟାଳୟକୁ ଯାଇପାରି ନ ଥିବା ଜଣାପଡିଛି। ଆଗାମୀ ଦିନରେ ତାରିଖ ଧାର୍ଯ୍ୟହେବା ନେଇ ତହସିଲଦାର ପ୍ରଭାଶ ବେଉରା କହିଛନ୍ତି। ୨୦୧୩ ରୁ 'ଚାଳଘର ସାହିତ୍ୟ ସଂସଦ' ଆରମ୍ଭ ହୋଇଥିଲା। ଏହାର ସଭାପତି ଅଶୋକ କୁମାର ସାହୁ ରହିଛନ୍ତି। ଅପରପକ୍ଷେ ଏହି ନାମରେ ଆଉ ଏକ ସାହିତ୍ୟ ସଂସଦ ଗତ ୨୪।୮।୧୯ରେ କାଶିନାଥ ମହାବିଦ୍ୟାଳୟ ପରିସରରେ କାର୍ଯ୍ୟକ୍ରମ କରିଥିଲା। ଏହାର ସଭାପତି ବିରଜା ପ୍ରଶାଦ ପରିଡା ରହିଥିଲାବେଳେ ସମ୍ପାଦକ ପ୍ରତାପ କୁମାର ଦାସ ରହିଥିବା ଜଣାପଡିଛି। ଏହା ପରେ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ବିବାଦ ଘନିଭୁତ ହେବାରେ ଲାଗିଛି। ଏପରିକି ୨୦୧୩ରେ ହୋଇଥିବା ସାହିତ୍ୟ ସଂସଦର ସଭାପତି ସାହୁଙ୍କୁ ହତ୍ୟା ଧମକ ହୋଇଥିବା ନେଇ ୬।୯।୧୯ରେ ବରୀ ଥାନାରେ ଅଭିଯୋଗ କରିଥିଲେ। ଏଥିସହ ଜିଲାପାଳଙ୍କ ନିକଟରେ ମଧ୍ୟ ଅଭିଯୋଗ କରିଥିଲେ। ଜିଲାପାଳ ବରୀ ବ୍ଲକ ପ୍ରଶାସନକୁ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କରେ ବିଡିଓ ଶୁଭଶ୍ରୀ ତ୍ରିପାଠୀଙ୍କୁ ପଚାରିବାରୁ ଏ ବାବଦରେ ତଦନ୍ତ କରାଯାଉଛି ବୋଲି କହିଛନ୍ତି। ବିରଜା ପ୍ରସାଦ ପରିଡାଙ୍କୁ ପଚାରିବାରୁ, ଜିଲାରେ ପୂର୍ବରୁ ଏଭଳି ଅନୁଷ୍ଠାନ ନାହିଁ। ତେଣୁ ସେ ସଂସଦର ନାମ ପଞ୍ଜୀକରଣ ପାଇଁ ଆବେଦନ କରିଥିବା କହିଛନ୍ତି। ଅଶୋକ କୁମାର ସାହୁଙ୍କୁ ପଚାରିବାରୁ ଗତ.୬।୯।୧୯ରେ ରେଜିଷ୍ଟ୍ରେଶନ ସବ୍-ରେଜିଷ୍ଟ୍ରେଶନ ଅଫିସ୍‌ରେ କରାଯାଇଥିବା କହିଛନ୍ତି।

## ■ ତୃଣମୂଳସ୍ତରରେ ୫-ଟିର କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନବାଚୀ
# ସରକାରୀ ସହାୟତାରୁ ବଞ୍ଚିତ ବିଧବା

ରସୁଲପୁର/ଯାଜପୁର ଟାଉନ, ୩୦।୯(ଡିଏନଏ)

ରାଜ୍ୟ ସରକାର ଜନସାଧାରଣଙ୍କ ହିତରେ ୫-ଟି (ଟାଇମ୍, ଟେକ୍ନୋଲୋଜି, ଟିମୱାର୍କ, ଟ୍ରାନ୍ସପାରେନ୍ସି ଓ ଟ୍ରାନ୍ସଫର୍ମରମେଶନ) ଫର୍ମୁଲାରେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଏହାର ସୁଫଳ ତୃଣମୂଳସ୍ତରରେ ପହଞ୍ଚି ପାରୁନାହିଁ। କେବଳ ଜିଲା ପ୍ରଶାସନ ସଫଳତାକୁ ପ୍ରଚାର ପ୍ରସାର ଆଳରେ ୫-ଟି ମାନୁ ନ ଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାରେ ସୀମିତ ରହିଛି। ସରକାରଙ୍କର ଏହି ଯୋଜନା କେତେଦୂର ସଫଳ ହୋଇଛି ତାହା ଅସହାୟ ବିଧବା ବବି ଦଳାଇଙ୍କ ଘଟଣାରୁ ସ୍ପଷ୍ଟ ଜଣାପଡ଼େ। ଯାଜପୁର ଜିଲା ରସୁଲପୁର ବ୍ଲକ ଅର୍ଥଗାଁ ପଞ୍ଚାୟତ ବଡଅପୋଇ ଗ୍ରାମର ଅସହାୟ ମହିଳା ବବି ଜିଲାରୁ ବ୍ଲକ ପର୍ଯ୍ୟନ୍ତ ଦୌଡ଼ାଦୌଡ଼ି କରି ବି ଏଯାଏ ସ୍ୱାମୀଙ୍କ ମୃତ୍ୟୁ ପ୍ରମାଣପତ୍ର ହାସଲ କରିବାରେ ବିଫଳ ହୋଇଛନ୍ତି। ଯାହାକି ପ୍ରଶାସନର କାର୍ଯ୍ୟ ଦକ୍ଷତା ଓ କାର୍ଯ୍ୟରେ ସ୍ୱଚ୍ଛତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି।
ପ୍ରକାଶ ଯେ, ବବିଙ୍କ ସ୍ୱାମୀ ଅଜିତ୍ ଦଳାଇ ୫ ଏପ୍ରିଲ,୨୦୧୯ରେ ଋଣବୋଝ ସହି ନ ପାରି ଆତ୍ମହତ୍ୟା କରିଥିଲେ। ଏ ସମ୍ପର୍କରେ ଯାଜପୁର ସଦର ଥାନାରେ ଏକ ମାମଲା (ନଂ-୦୪/୧୯) ରୁଜୁ ହୋଇଥିଲା। ଯାଜପୁର ଜିଲା ମୁଖ୍ୟ ଚିକିତ୍ସାକେନ୍ଦ୍ରରେ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଥିଲା। ଏହି ଘଟଣାକୁ ୬ମାସ ପୂରିବ ; କିନ୍ତୁ ଏପର୍ଯ୍ୟନ୍ତ ବବିଙ୍କୁ ସ୍ୱାମୀଙ୍କ ମୃତ ପ୍ରମାଣପତ୍ର ଖଣ୍ଡିଏ ମିଳିପାରିଲା ନାହିଁ। ଏହାଛଡ଼ା ସ୍ୱାମୀଙ୍କ ମୃତ୍ୟୁ ପରେ ବବି ମାନସିକ ଭାରସାମ୍ୟ ହରାଇ ବସିଛନ୍ତି। ପଡୋଶୀଙ୍କ ସହାୟତାରେ ମୃତ୍ୟୁ ପ୍ରମାଣପତ୍ରଟିଏ ପାଇବା ପାଇଁ ବବିଙ୍କୁ ୫୦୦ଟଙ୍କା ଖର୍ଚ୍ଚ କରିବାକୁ ପଡିଛି। ତଥାପି ସ୍ୱାମୀଙ୍କ ମୃତ୍ୟୁ ପ୍ରମାଣପତ୍ର ମିଳିପାରୁ ନାହିଁ। ଅପମୃତ୍ୟୁ ଘଟଣାକୁ ନେଇ ପୋଲିସ ନିକଟରୁ ଫର୍ମ-୩ରେ ରିପୋର୍ଟ ଆସିବାପରେ ମୃତ୍ୟୁ ପ୍ରମାଣପତ୍ର ଇସ୍ୟୁ କରାଯିବ ବୋଲି ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜନ୍ମ ଓ ମୃତ୍ୟୁ ପଞ୍ଜିକରଣ ଅଧିକାରୀ ପ୍ରସନ୍ନ କୁମାର ପାତ୍ର ମତ ରଖିଛନ୍ତି। ଏ ନେଇ ଯାଜପୁର ସଦର ଥାନାଧିକାରୀ ବଂଶୀଧର ବେହେରାଙ୍କୁ ପଚାରିବାରୁ, ମୃତକଙ୍କ ପରିବାର ଲୋକ ଯାଜପୁର ପୌରପରିଷଦ କାର୍ଯ୍ୟାଳୟରୁ ଫର୍ମ-୩ ଆଣି ଥାନାରେ ଦେବା ପରେ ରିପୋର୍ଟ ପ୍ରଦାନ କରାଯିବ। ଏଥିସହ ଥାନାରୁ ରିପୋର୍ଟ ସହ ଶବ ବ୍ୟବଚ୍ଛେଦ ରିପୋର୍ଟ ଯୋଗ କରାଯାଇ ଦିଆଯିବ। ଉକ୍ତ ରିପୋର୍ଟ ଆଧାରରେ ମୃତକ ପରିବାରକୁ ପ୍ରମାଣପତ୍ର ଓ ଅନ୍ୟାନ୍ୟ ମୃତ୍ୟୁକାଳୀନ ସହାୟତା ମିଳିପାରିବ ବୋଲି ପ୍ରକାଶ କରିଛନ୍ତି। ଅପରପକ୍ଷେ ଆଜି ବି ଏହି ପରିବାର ଭଙ୍ଗା କୁଡ଼ିଆରେ ବସବାସ କରୁଛନ୍ତି। ସେମାନଙ୍କ ପାଇଁ ପ୍ରଧାନମନ୍ତ୍ରୀ ଆବାସ ଓ ବିଜୁ ପକ୍କାଘର ଯୋଜନା ଅପହଞ୍ଚ ହୋଇଛି। ଏ ଦିଗରେ ପ୍ରଶାସନିକ ଅଧିକାରୀଙ୍କ କାର୍ଯ୍ୟରେ ସ୍ୱଚ୍ଛତାକୁ ନେଇ ସାଧାରଣରେ ସନ୍ଦେହ ଉପୁଜିଛି। ଏସବୁ ବାଦ୍ ମହିଳାଙ୍କ ୮ବର୍ଷର ପୁଅ ଜନ୍ମରୁ ଦିବ୍ୟାଙ୍ଗ ଓ ୧୧ବର୍ଷର ଝିଅ ପୁଷ୍ଟିହୀନତାର ଶିକାର ହୋଇଛନ୍ତି। ଉଭୟ ପଞ୍ଚାୟତରେ ମାଳିଉଛ ପ୍ରାଥମିକ ବିଦ୍ୟାଳୟର ତୃତୀୟ ଶ୍ରେଣୀରେ ପାଠ ପଢୁଛନ୍ତି। ଦିବ୍ୟାଙ୍ଗ ପ୍ରମାଣପତ୍ର ଥାଇ ବି ଶିଶୁପୁତ୍ରକୁ ଭତ୍ତା ମିଳି ନାହିଁ। ଏସବୁ ଘଟଣା ଶିଶୁ ସୁରକ୍ଷା ଅଧିକାରୀଙ୍କ ଦୃଷ୍ଟି ଆଢୁଆଳରେ ରହିଯାଇଛି। ଏହିଭଳି ନାନା ସମସ୍ୟା ଦେଇ ଗତି କରୁଥିବା ଅନୁସୂଚିତ ଜାତିର ଏହି ପରିବାର ନିକଟରେ ୩୬ନଂ ଜୋନ୍‌ର ଜିଲାପରିଷଦ ସଦସ୍ୟ ଚତୁର୍ଭୁଜ ଦ୍ୱିବେଦୀ ପହଞ୍ଚି ଥିଲେ। ମହିଳାଙ୍କ ଦୁଃଖ ଶୁଣିବା ପରେ ସୋମବାର ସେ ଯାଜପୁର ଜିଲା ସହକାରୀ ଚିକିତ୍ସାଧିକାରୀ, ଜିଲା ସମାଜ ମଙ୍ଗଳ ଅଧିକାରୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ, ରସୁଲପୁର ବିଡିଓଙ୍କୁ ପତ୍ର ଜରିଆରେ ଜଣାଇଛନ୍ତି।


ସହାୟତାରୁ ବଞ୍ଚିତ ମହିଳା ବବି ଦଳାଇ।

## ସଂକ୍ଷେପରେ

### ମା’ ସିଦ୍ଧିଦାତ୍ରୀଙ୍କ ବ୍ରହ୍ମଚାରିଣୀ ବେଶ



**ନାଉଗାଁ,୩୦।୯(ସ୍ୱ.ପ୍ର.):** ଜଗତ୍‌ସିଂହପୁର ବ୍ଲକ ସରଯ୍ୱୋସ୍ଥିତ ମା’ ସିଦ୍ଧିଦାତ୍ରୀ ଦିବ୍ୟ ଜୀବନ ସେବାଶ୍ରମରେ ସୋମବାର ଶାରଦୀୟ ପାର୍ବଣ ଷୋଡ଼ଶ ଉପଚାର ପୂଜାର ନବମ ଦିବସ ଓ ନବରାତ୍ର ପୂଜାର ଦ୍ୱିତୀୟ ଦିବସରେ ମା’ଙ୍କୁ ବ୍ରହ୍ମଚାରିଣୀ ବେଶରେ ସୁସଜ୍ଜିତ କରାଯାଇଛି। ଯଥାରୀତି ପୂଜାର୍ଚ୍ଚନା ପରେ ଆଶ୍ରମର ପ୍ରତିଷ୍ଠାତା ସ୍ୱାମୀ ଗୋକୁଳାନନ୍ଦ ସରସ୍ୱତୀଙ୍କ ତତ୍ତ୍ୱାବଧାନରେ ଏହି ବେଶ କରାଯାଇଥିଲା। କାର୍ଯ୍ୟକ୍ରମକୁ ଆଶ୍ରମର ସମ୍ପାଦକ ଅକ୍ଷୟ ମିଶ୍ର ପରିଚାଳନା କରିଥିଲେ।

### ପଲ୍ଲୀ ଦୃଶ୍ୟ ହେଉ କବିତାର ଭାଷା




**ଏରସମା,୩୦।୯(ସ୍ୱ.ପ୍ର.):** ଏରସମା ବ୍ଲକ ଗୋଡ଼ା ପଞ୍ଚାୟତସ୍ଥିତ ବୃନ୍ଦାବନ ବିହାରୀ ମହାବିଦ୍ୟାଳୟ ପରିସରରେ ସୋମବାର ଅପରାହ୍ନରେ ସାହିତ୍ୟ ଏକାଡେମୀ ପକ୍ଷରୁ ପ୍ରେରଣା ସାହିତ୍ୟ ସଂସଦ ଆନୁକୂଲ୍ୟରେ ଗ୍ରାମାଲୋକ ଶୀର୍ଷକ କବିତା ପାଠୋତ୍ସବ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଏଥିରେ ସାହିତ୍ୟ ଏକାଡେମୀର ଓଡ଼ିଆ ଉପଦେଷ୍ଟା କମିଟି ଆବାହକ ବିଜୟାନନ୍ଦ ସିଂହ ସଭାପତିତ୍ୱ କରି କହିଲେ ଯେ, ଗ୍ରାମାଞ୍ଚଳରେ ଅନେକ ପ୍ରତିଭା ସମ୍ପର୍ଣ୍ଣ ସାହିତ୍ୟିକ ଅଛନ୍ତି। ସେମାନଙ୍କ ଲେଖାକୁ ସ୍ୱୀକୃତି ଦେବା ସହିତ କବିତାରେ ପଲ୍ଲୀର ଦୃଶ୍ୟ ସ୍ଥାନିତ କରିବା ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀର ଏହା ଏକ ପ୍ରୟାସ। ପଣ୍ଡିତ ନାଗୁଚରଣ ଦେବତା, ନଗେନ୍ଦ୍ରନାଥ ସ୍ୱାଇଁ, ଡା. ବିଷ୍ଣୁଚରଣ ସ୍ୱାଇଁ, ବ୍ରହ୍ମାନନ୍ଦ ବିଶ୍ୱାଳ, ବସନ୍ତ ମଞ୍ଜରୀ ଦାସ, ଅରୁଣ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହି ଗ୍ରାମାଞ୍ଚଳରେ ସାହିତ୍ୟ ବିକାଶର ଧାରା ଉପରେ ବକ୍ତବ୍ୟ ଦେଇଥିଲେ। ଏଥିରେ କବି ସୁକାନ୍ତ କୁମାର ଜେନାଙ୍କ ଏକ ନିରୁଦ୍ଦିଷ୍ଟ ଗାଁ ଓ ଅନ୍ୟାନ୍ୟ କବିତା ପୁସ୍ତକ ଉନ୍ମୋଚନ କରାଯାଇଥିଲା। କ୍ଷୀରୋଦ କୁମାର ସେଠୀଙ୍କ ସଂଯୋଜନାରେ କବି କୈଳାସ ଚନ୍ଦ୍ର ପ୍ରଧାନ, ରୀନାରାଣୀ ସ୍ୱାଇଁ, ତନ୍ମୟ କୁମାର ସେଠୀ, ବୈଦ୍ୟନାଥ ସାହୁ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ।

### ବିଜେଡି ପଦଯାତ୍ରା ପ୍ରସ୍ତୁତି ବୈଠକ

**ବାଲିକୁଦା, ୩୦।୯(ସ୍ୱ.ପ୍ର.):** ବାଲିକୁଦା ବିଜୁ ଜନତା ଦଳ ପକ୍ଷରୁ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀଠାରୁ ଆରମ୍ଭ ହେବାକୁ ଥିବା ପଦଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ବୈଠକରେ ବ୍ଲକ ବିଜେଡି ସଭାପତି ରତ୍ନାକର ନାୟକ ସଭାପତିତ୍ୱ କରିଥିଲେ। ବୈଠକରେ ରାଜ୍ୟ ଯୁବ ବିଜେଡି ସମ୍ପାଦକ ଭୀମସେନ ମୁଦୁଲି, ପଞ୍ଚାୟତ ସମିତି ଅଧ୍ୟକ୍ଷା ମଧୁସ୍ମିତା ସାହୁ, ଉପାଧ୍ୟକ୍ଷ ରାଖାଲ ଚନ୍ଦ୍ର ଦାଶ, ଜିଲା ପରିଷଦ ସଭ୍ୟ ରାମଚନ୍ଦ୍ର ମହାନ୍ତି, ପୂର୍ବତନ ସମିତି ସଭ୍ୟ ହରିଶ୍ଚନ୍ଦ୍ର ଶତପଥୀ, ମାନସ ପଟ୍ଟନାୟକ, ପ୍ରକାଶ ପ୍ରଧାନ, ପୂର୍ବତନ ସରପଞ୍ଚ ତୁଷାର ପରିଡ଼ା, ରବୀନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ହୋଇ ପଦଯାତ୍ରା ସହିତ କିପରି ଦଳର ସଭ୍ୟ ସଂଗ୍ରହ ଅଭିଯାନ ଜୋରଦାର କରାଯିବ ସେ ସମ୍ପର୍କରେ କହିଥିଲେ। ଏଥିପାଇଁ ପଞ୍ଚାୟତସ୍ତରୀୟ କର୍ମୀମାନେ ତତ୍ପର ହେବାକୁ ବ୍ଲକ ସଭାପତି ପରାମର୍ଶ ଦେଇଥିଲେ। ବାଲିକୁଦା ପଞ୍ଚାୟତ ସମିତିରୁ ପଦଯାତ୍ରା ଆରମ୍ଭ ହୋଇ ବାଲିକୁଦା ଥାନପତିଙ୍କ ପ୍ରାଙ୍ଗଣରେ ପହଞ୍ଚିବା ପରେ ସେଠାରେ ସଭା କରାଯିବ ବୋଲି ସ୍ଥିର ହୋଇଥିଲା। ୩ ତାରିଖରେ ଜଗତ୍‌ସିଂହପୁର ଜିଲା ପଦଯାତ୍ରାରେ ବିଭିନ୍ନ ପଞ୍ଚାୟତରୁ କର୍ମୀମାନେ ପହଞ୍ଚିବାକୁ କୁହାଯାଇଥିଲା।

■ ଜିଲାପାଳଙ୍କ ଜନ ଶୁଣାଣିରେ ୪୬୮ ଅଭିଯୋଗ

# ଫନୀ ସହାୟତା ସମ୍ପର୍କିତ ଅଭିଯୋଗ ଅଧିକ

**ବିରିଡ଼ି,୩୦।୯(ଡି.ଏନ.ଏ.)**

ଜଗତ୍‌ସିଂହପୁର ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ସୋମବାର ବିରିଡ଼ି ବ୍ଲକରେ ଜନ ଅଭିଯୋଗ ଶୁଣାଣି କରିଛନ୍ତି। ବ୍ଲକର ବିଭିନ୍ନ ଅଞ୍ଚଳରୁ ଆସିଥିବା ଜନସାଧାରଣଙ୍କ ପକ୍ଷରୁ ଏଥିରେ ୪୬୮ ଅଭିଯୋଗ ହୋଇଥିଲା। ସେଥିମଧ୍ୟରେ ଫନୀ ସହାୟତା ସମ୍ବନ୍ଧୀୟ ୩୭୭, ଗ୍ରାମ୍ୟ ସମସ୍ୟା ୨୧, ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ୨, ରେଡକ୍ରସ ୩, ବିଜୁ ପକ୍କାଘର ୪୮, ଖାଉଟି କାର୍ଡ ୩, ଲିଗାଲ ଏଡ ୩, ଭତ୍ତା ୬, କାଳିଆ ଯୋଜନା ସମ୍ପର୍କିତ ୧ ଅଭିଯୋଗ ହୋଇଥିଲା। ତେବେ ୪ଟି ଅଭିଯୋଗର ତ୍ୱରିତ ସମାଧାନ କରାଯାଇଥିଲା।

ବାଲିକୁଦା ବ୍ଲକ ବ୍ରାହ୍ମଣ୍ଡୀ ଗ୍ରାମର ଲିଜାଲିନ ସାହୁ(୨୪) କ୍ୟାନ୍ସର ରୋଗରେ ପୀଡ଼ିତ। ତାଙ୍କ ଚିକିତ୍ସା ପାଇଁ ଜିଲାପାଳ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ଦେବାକୁ ସୁପାରିଶ କରିଥିଲେ। ସେହିପରି ବାଲିକୁଦା ବ୍ଲକ ୧୦ ବାଟିଆ ବାଲିପାଟଣା ଗ୍ରାମର କ୍ଷେତ୍ରମୋହନ ସେଠୀଙ୍କ ଆଙ୍ଗୁଠି ପ୍ଲାଷ୍ଟିକ ସର୍ଜରୀ ପାଇଁ ଜିଲାପାଳ ରେଡ୍‌କ୍ରସ ପାଣ୍ଠିରୁ ୨ ହଜାର ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ବିରିଡ଼ି ବ୍ଲକ ଚାଷୀଖଣ୍ଡ ଗ୍ରାମର ସେବତୀ ମଲ୍ଲିକ କ୍ୟାନ୍ସର ରୋଗରେ ପୀଡିତ ଥିବାରୁ ତାଙ୍କ ଚିକିତ୍ସା ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଅର୍ଥ ପ୍ରଦାନ ପାଇଁ ସୁପାରିଶ କରିଥିଲେ।



ଜିଲାପାଳ ଶିବିରରେ ଜଣେ ବ୍ୟକ୍ତିଙ୍କୁ ସହାୟତା ପ୍ରଦାନ କରୁଛନ୍ତି।

ଅପଣ୍ଡରା ବାଲିକୁଦାର ସରସ୍ୱତୀ ନାୟକ ଓ ବିରିଡ଼ି ବ୍ଲକ ଗୋଠପଦା ତେନ୍ତୁଳିଆ ଗ୍ରାମର ଜ୍ଞାନରଞ୍ଜନ ଭୂୟାଁଙ୍କୁ ଚିକିତ୍ସା ପାଇଁ ରେଡ୍‌କ୍ରସରୁ ଔଷଧ ସେବାକୁ ଜିଲାପାଳ ସୁପାରିଶ କରିଥିଲେ। ହାଜିପୁର ସରପଞ୍ଚ ବିମଳ ପ୍ରସାଦ ସେଠୀ ତାଙ୍କ ପଞ୍ଚାୟତର କଣ୍ଟାପଡ଼ା ଓ କମାଶାସନ ଗ୍ରାମରେ ପାଇପ ପାଣି ଯୋଗାଇଦେବାକୁ ସୌରଚାଳିତ ମେଶିନ ବସାଇବାକୁ ଦାବି କରିଥିଲେ। ବତିମୀରାର ପୂର୍ବତନ ୱାର୍ଡମେମ୍ବରମାନେ ୪ମାସର ପ୍ରାପ୍ୟ ପାଇ ନ ଥିବା ଅଜୟ କୁମାର ମଲ୍ଲ, ବିଜୟ କୁମାର ସ୍ୱାଇଁ ପ୍ରମୁଖ ଅଭିଯୋଗ କରିଥିଲେ। ଏହାର ବିଚାର ପାଇଁ ଜିଲାପାଳ ବିଡିଓଙ୍କ ନିକଟକୁ ଦରଖାସ୍ତଗୁଡିକ ପଠାଇଥିଲେ। ଶଙ୍ଖପୁର ଏଏନ୍‌ଏମ୍ ସେଣ୍ଟର ଦୀର୍ଘବର୍ଷ ଧରି କାର୍ଯ୍ୟକ୍ଷମ ହେଉ ନ ଥିବା କଳନ୍ତିରା ଗ୍ରାମର ପ୍ରଭାତ ପରିଡା ଓ କେତେଜଣ ଗ୍ରାମବାସୀ ଅଭିଯୋଗ କରିଥିଲେ। ଜିଲାପାଳ ମହାପାତ୍ର ଉକ୍ତ ଅଭିଯୋଗପତ୍ର ଗ୍ରହଣ କରି ଏଡିଏମଓ ଡା. ବସନ୍ତ କୁମାର ବାରିକଙ୍କୁ ସମାଧାନ ପାଇଁ ଦେଇଥିଲେ। ସେହିପରି ଗୋଁନାଥପୁର ସରପଞ୍ଚ ସ୍ୱର୍ଣ୍ଣପ୍ରଭା ଭୋଇଙ୍କ ସହ ଜଗନ୍ନାଥ ସାହୁ ଓ ଲକ୍ଷ୍ମୀଧର ସାହୁ ଧୋବାସାହିଠାରୁ ବାଲିଆ ମାର୍କେଟ ପର୍ଯ୍ୟନ୍ତ କଙ୍କ୍ରିଟ ରାସ୍ତାର ଦୁଇ ପାର୍ଶ୍ୱ ମାଟି ପକାଇ ସମାନ କରିବାକୁ କହିଥିଲେ। ଏହି ରାସ୍ତାର ଦୁଇପଟ ଖାଲଖମା ଥିବାରୁ ଚଳିତବର୍ଷ ଦୁର୍ଗାପୂଜା ଭସାଣି ଉତ୍ସବରେ ମେଢଗୁଡିକ ଯିବାରେ ଅସୁବିଧା ହେବ ବୋଲି ସେମାନେ ଜଣାଇଥିଲେ। ଭାଜପା ପକ୍ଷରୁ ରମାକାନ୍ତ ଭୋଇଙ୍କ ନେତୃତ୍ୱରେ ଦଳୀୟ କର୍ମୀମାନେ ଆସି ବାଲିଆଷ୍ଟୋରଠାରୁ ମାଛଗାଁ ପୋଲ ପର୍ଯ୍ୟନ୍ତ ରାସ୍ତା ଓ ହାଜିପୁର ରାସ୍ତା ମରାମତି, ଫନୀ ବାତ୍ୟାରେ କ୍ଷତିଗ୍ରସ୍ତ ପ୍ରକୃତ ହିତାଧିକାରୀଙ୍କୁ ଘରଭଙ୍ଗା ସହାୟତା ପ୍ରଦାନ, ବିଜୁ ପକ୍କାଘର ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ଯୋଗାଇବାକୁ ଦାବି କରିଥିଲେ। ଜିଲାପାଳ ଇତିମଧ୍ୟରେ ତାଙ୍କ ଅଭିଯୋଗ ପ୍ରକୋଷ୍ଠରେ ମୋଟ ୧୭୫୭ ଅଭିଯୋଗ ମଧ୍ୟରୁ ୯୯୯ ଅଭିଯୋଗ ସମାଧାନ କରିପାରିଥିବାରୁ ମୁଖ୍ୟମନ୍ତ୍ରୀ ତାଙ୍କୁ ପୁରସ୍କୃତ କରିବେ। ଏ ସମ୍ପର୍କିତ ଏକ ଏସ୍‌ଏମ୍‌ଏସ୍‌କୁ ଜିଲାପାଳ ପଢି ଶୁଣାଇଥିଲେ। ଜିଲାର ସମସ୍ତ ଅଧିକାରୀଙ୍କ ସହଯୋଗ ପାଇଁ ଏପରି ସଫଳତା ମିଳିଥିବା କହି ସେ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଥିଲେ। ଶିବିରରେ ଏସପି ପ୍ରକାଶ ଆର, ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ସରୋଜ କୁମାର ମହାନ୍ତି, ଉପଜିଲାପାଳ ମହେନ୍ଦ୍ର ପ୍ରସାଦ ମହାନ୍ତି, ଡିଇଓ ପ୍ରତିଭା ମଞ୍ଜରୀ ଦାସ, ଏଡିଏମଓ ଡା. ବସନ୍ତ ବାରିକ, ଜିଲା ସର୍ବଶିକ୍ଷା ଅଭିଯାନ ପ୍ରକଳ୍ପ ସଂଯୋଜକ ସପନୀ ଜେନା, ଜିଲା ଯୋଗାଣ ଅଧିକାରୀ ଦିଲ୍ଲୀପ କୁମାର ପାତ୍ର, ବ୍ଲକ ଅଧ୍ୟକ୍ଷ ପଦ୍ମନାଭ ଭୋଇ, ବିଡିଓ ଜୀବନ ଚନ୍ଦ୍ର ମଲ୍ଲିକ, ଏବିଡିଓ ଗିରିଜା ପ୍ରସାଦ ବାରିକ, ତହସିଲଦାର ସାଗରିକା ପ୍ରିୟଦର୍ଶିନୀ, ଜିଲା ପରିଷଦ ସଭ୍ୟ ପ୍ରତାପ ବେହେରା, ବ୍ଲକ ଉପାଧ୍ୟକ୍ଷା ଗୀତାଞ୍ଜଳି ସାହୁଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

### ଶିବିର ବାହାରେ ଭାଜପା ନେତାଙ୍କ ହୋହଲ୍ଲା

**ବାଲିଆ,୩୦।୯:**

ବିରିଡ଼ି ବ୍ଲକ ସଭାଗୃହରେ ସୋମବାର ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଜନ ଅଭିଯୋଗ ଶୁଣାଣି କରୁଥିବାବେଳେ ବାହାରେ ଭାଜପା ନେତା ରମାକାନ୍ତ ଭୋଇଙ୍କ ନେତୃତ୍ୱରେ ବାଗଲପୁର ପଞ୍ଚାୟତର ଶତାଧିକ କର୍ମୀ ହୋହଲ୍ଲା କରିଥିଲେ। ସେମାନେ କହିଲେ ଯେ, ଫନୀ ବାତ୍ୟାରେ ବହୁ ଗରିବ ଲୋକଙ୍କ କଚାଘର ଭାଙ୍ଗିଯାଇଥିଲେ ସୁଦ୍ଧା ପ୍ରକୃତ ହିତାଧିକାରୀଙ୍କୁ ସହାୟତା ଦିଆଯାଇନାହିଁ। ରାଜସ୍ୱ ବିଭାଗ ଦ୍ୱାରା ଆରଆଇଙ୍କୁ ନିୟୋଜିତ କରି ଘରଭଙ୍ଗା ତଦନ୍ତ କରାଯାଇଥିଲା। ତେବେ ସମ୍ପୃକ୍ତ ଆରଆଇମାନେ ଠିକ୍ ରିପୋର୍ଟ ଦେଇ ନ ଥିଲେ। ତେଣୁ ଏହି ପଞ୍ଚାୟତର ବହୁ ଯୋଗ୍ୟ ହିତାଧିକାରୀ ସରକାରୀ ସହାୟତାରୁ ବଞ୍ଚିତ ହୋଇଛନ୍ତି। ଏହାର ପୁନର୍ବାର ତଦନ୍ତ କରି ଯୋଗ୍ୟ ହିତାଧିକାରୀଙ୍କୁ ଘରଭଙ୍ଗା ସହାୟତା ଦେବାକୁ ସେମାନେ ଦାବି କରିଥିଲେ। ଏହା ଜାଣିବା ପରେ ଜିଲାପାଳ ମହାପାତ୍ର ନିଜ ଆସନ ଛାଡ଼ି ସେମାନଙ୍କ ପାଖକୁ ଆସି ଏନେଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହା ପରେ ପରିସ୍ଥିତି ଶାନ୍ତ ପଡିଥିଲା।

### ପ୍ଲାଷ୍ଟିକ ମୁକ୍ତ ଓଡ଼ିଶା ଗଠନ ପାଇଁ ସଚେତନତା

**ଏରସମା,୩୦।୯(ସ୍ୱ.ପ୍ର.)**

ଏରସମା ବ୍ଲକ ଆମ୍ବିକି ପଞ୍ଚାୟତ ଚାଉଳିଆ ଗ୍ରାମରେ ରବିବାର ପ୍ଲାଷ୍ଟିକ ମୁକ୍ତ ଓଡ଼ିଶା ଗଠନ ପାଇଁ ଏକ ସଚେତତା ସଭା ଅନୁଷ୍ଠିତ ହୋଇଛି। ନେହେରୁ ଯୁବ କେନ୍ଦ୍ର (ଏନୱାଇକେ) ଆନୁକୂଲ୍ୟରେ ଓ ସ୍ୱାମୀ ବିବେକାନନ୍ଦ ଯୁବକ ସଂଘ ପକ୍ଷରୁ ଆୟୋଜିତ ଏହି ସଭାରେ ଅର୍ଜୁନ କୁମାର କରଣ ସଭାପତିତ୍ୱ କରିଥିଲେ। ଏଥିରେ ଜିଲା ଏନୱାଇକେର କାର୍ଯ୍ୟକ୍ରମ ସଂଯୋଜକ ପବିତ୍ର ମୋହନ ସୁବୁଦ୍ଧି ଯୋଗଦେଇ କହିଲେ ଯେ, ପଲିଥିନ ମାଟିର ଉର୍ବରତାକୁ ନଷ୍ଟ କରିଦେଉଥିବାରୁ କୃଷି ଉତ୍ପାଦନ ହ୍ରାସ ପାଉଛି। ତେଣୁ ଏହାର ବ୍ୟବହାର ରୋକିବାକୁ ସେ ପରାମର୍ଶ ଦେଇଥିଲେ। ଜିଲା କ୍ରୀଡ଼ା ବିଭାଗ କାର୍ଯ୍ୟକ୍ରମ ସଂଯୋଜକ କାଜଲ ମଲ୍ଲିକ, ରାଜ୍ୟ ଉପଭୋକ୍ତା ସୁରକ୍ଷା ଅଭିଯାନର ସମ୍ପାଦକ ଗୋବିନ୍ଦ ଓଝା, ଗ୍ରାମ ମୁଖ୍ୟ ଶ୍ରୀପତି ଜେନା, ଶିକ୍ଷକ ଦୀପକ କୁମାର ପାତ୍ର ପ୍ରମୁଖ ଯୋଗଦେଇ ପ୍ଲାଷ୍ଟିକ ବ୍ୟବହାରର କୁପରିଣାମ ଉପରେ ବକ୍ତବ୍ୟ ଦେଇଥିଲେ। ଏଥିରେ ସଂଘର ସଭାପତି ନିତ୍ୟାନନ୍ଦ ଦାସ, ଉପସଭାପତି ସଞ୍ଜୟ କୁମାର ପାତ୍ର, ବସନ୍ତ ଗିରି, କୁନାଲକାନ୍ତ କରଣ, ସାମାଜିକ କର୍ମୀ ମୋହିନୀ ପୁରକାଇତି ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶତାଧିକ ମହିଳ ଯୋଗ ଦେଇ ପ୍ଲାଷ୍ଟିକ ବ୍ୟବହାର ନ କରିବା ପାଇଁ ନିଷ୍ପତ୍ତି ନେଇଥିଲେ।

## ରାଷ୍ଟ୍ରୀୟ ପୋଷଣ ମାସ ଉଦ୍‌ଯାପିତ

**ବିରିଡ଼ି,୩୦।୯(ଡି.ଏନ.ଏ.)**

ବିରିଡ଼ି ବ୍ଲକ ଆଇସିଡିଏସ ବିଭାଗ ପକ୍ଷରୁ ସେପ୍ଟେମ୍ବର ୧ ରୁ ୩୦ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ରରେ ରାଷ୍ଟ୍ରୀୟ ପୋଷଣ ମାସ ପାଳିତ ହେଉଥିଲା। ସୋମବାର ବିରିଡ଼ି ଆଇସିଡିଏସ କାର୍ଯ୍ୟାଳୟଠାରେ ଏହାର ଉଦ୍‌ଯାପନ ଦିବସ ପାଳିତ ହୋଇଛି। ଏହି ଅବସରରେ ବ୍ଲକର ସମସ୍ତ ଅଙ୍ଗନୱାଡ଼ି କର୍ମୀଙ୍କୁ ଏହାର ଉଦ୍ଦେଶ୍ୟ ଓ କାର୍ଯ୍ୟକାରିତା ସମ୍ପର୍କରେ ଅବଗତ କରାଯାଇଥିଲା। ସମସ୍ତେ ଏଥିପାଇଁ ଯତ୍ନବାନ ହେବାକୁ ସିଡିପିଓ ଗୌରୀ ଦେଇ, ଏବିଡିଓ ଗିରିଜା ପ୍ରସାଦ ବାରିକ ଓ ଡା. ଲୋକନାଥ ସାହୁ ପରାମର୍ଶ ଦେଇଥିଲେ। ପ୍ରସୂତି, ଗର୍ଭବତୀ, ଶିଶୁ ଓ କିଶୋରୀଙ୍କ ପୁଷ୍ଟି ସାଧନ ନିମନ୍ତେ ସୁଷମ ଖାଦ୍ୟ ଖାଇବାକୁ ଦେବା ପାଇଁ କୁହାଯାଇଥିଲା। ମା’ମାନେ ଶିଶୁର ଯତ୍ନ ନେବା ସହ ପରିଷ୍କାର ପରିଚ୍ଛନ୍ନତା ପ୍ରତି ଦୃଷ୍ଟି ଦେବାକୁ ପରାମର୍ଶ ଦିଆଯାଇଥିଲା। ଏଥିସହ ପ୍ରସୂତୀ ଓ ଗର୍ଭବତୀମାନେ ପରିଷ୍କାର ପରିଚ୍ଛନ୍ନ ରହିବା, ବାଳିକାମାନେ ଏଥିପ୍ରତି ଯଥେଷ୍ଟ ଧ୍ୟାନ ଦେବାକୁ କୁହାଯାଇଥିଲା। ଅଙ୍ଗନୱାଡି କର୍ମୀ କାଦମ୍ବିନୀ କର ଓ ସାଥୀ ପୋଷଣ ସମ୍ବନ୍ଧରେ ପାଲା ପରିବେଷଣ କରିଥିଲେ। ସୁପରଭାଇଜର ଧନେଶ୍ୱରୀ ନାୟକ, ସୁକାନ୍ତିବାଳା ପୃଷ୍ଟି, ପ୍ରତିମା ସ୍ୱାଇଁ, କୁନିଲତା ମହାନ୍ତି, ରିମା ପ୍ରଧାନ, ରମଣୀ ଲାକ୍ରା ପ୍ରମୁଖ ଉପସ୍ଥିତ ଥିଲେ।

### ଏସାର ଷ୍ଟିଲ କାରଖାନା ପରିସରରେ ମକଡ୍ରିଲ

**ପାରାଦୀପ,୩୦।୯(ସ୍ୱ.ପ୍ର.)**

ପାରାଦୀପର ଏସାର ଷ୍ଟିଲ କାରଖାନା ପରିସରରେ ସୁରକ୍ଷା ଓ ନିରାପତ୍ତା ସମ୍ପର୍କରେ ମକଡ୍ରିଲ ଅନୁଷ୍ଠିତ ହୋଇଛି। ଏହି ଅବସରରେ ସୁରକ୍ଷା ଓ ଜରୁରୀକାଳୀନ ସହାୟତା ସମ୍ପର୍କରେ ବୈଷୟିକ ଟିମ୍ ଓ ବିଭାଗୀୟ ଅଧିକାରୀଙ୍କ ସମୀକ୍ଷା ବୈଠକ ହୋଇଥିଲା। ଏଥିରେ କାରଖାନା ପକ୍ଷରୁ କରାଯାଇଥିବା ବ୍ୟବସ୍ଥା ସମ୍ପର୍କରେ କୁହାଯାଇଥିଲା। ପରେ ଆପାତକାଳୀନ ପରିସ୍ଥିତିରେ ମୁକାବିଲା ପାଇଁ ଫର୍ନେଶ୍ ଅଏଲ୍ ଟାଙ୍କିଠାରେ ମକ୍‌ଡ୍ରିଲ୍ କରାଯାଇଥିଲା। ଅଗ୍ନିକାଣ୍ଡ ଘଟିଲେ କିପରି ଲୋକଙ୍କୁ ଉଦ୍ଧାର କରାଯିବ, ଆହତଙ୍କୁ କିପରି ଆମ୍ବୁଲାନ୍ସରେ ସ୍ୱାସ୍ଥ୍ୟକେନ୍ଦ୍ର ନିଆଯିବ ସେ ସମ୍ପର୍କରେ କୌଶଳ ପ୍ରଦର୍ଶନ କରାଯାଇଥିଲା। ଏଥିସହ ତୁରନ୍ତ ଅଗ୍ନିଶମ ସେବା ସଂସ୍ଥା ଓ ନିକଟବର୍ତ୍ତୀ ଶିଳ୍ପ ସଂସ୍ଥାର ସହାୟତା ନେବାକୁ କୁହାଯାଇଥିଲା। ଓସଡମାର ସାଧାରଣ ପରିଚାଳକ ଡ. ମଳୟ କୁମାର ପ୍ରଧାନ, କାରଖାନା ବାସ୍ପିତ ବିଭାଗର ସହକାରୀ ନିର୍ଦ୍ଦେଶକ ଚନ୍ଦ୍ରକାନ୍ତ ଦଳେଇ, ପାରାଦୀପ ବନ୍ଦର ପ୍ରତିନିଧି ଆର.ଏନ୍. ପାଣିଗ୍ରାହୀ, ଓସଡମା ସଂଯୋଜକ ଗୌରୀଶଙ୍କର ମିଶ୍ର ପ୍ରମୁଖ ମକଡ୍ରିଲ ତର୍ଜମା କରିଥିଲେ। ଏସାର ଷ୍ଟିଲ ପାରାଦୀପ ଶାଖା ମୁଖ୍ୟ ଶ୍ରୀନିବାସନ ପ୍ରସାଦ, ସେଫ୍ଟି ଅଫିସର କିରଣ କୁମାର ପଣ୍ଡା ଓ ଅନ୍ୟ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ଅବସରପ୍ରାପ୍ତ କିରାଣିଙ୍କୁ ଶୋଭାଯାତ୍ରାରେ ନେଲେ ଛାତ୍ରୀଛାତ୍ର




ଗୋରେଖ ପ୍ରସାଦ ସିଂହଙ୍କୁ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକ ଶୋଭାଯାତ୍ରାରେ ନେଉଛନ୍ତି।

**ରଘୁନାଥପୁର, ୩୦। ୯ (ଡି.ଏନ.ଏ.)**

ରଘୁନାଥପୁର ବ୍ଲକ ଗୋକୁଳପୁରସ୍ଥିତ ସାରଦା ସରକାରୀ ଉଚ୍ଚ ବିଦ୍ୟାଳୟର କାର୍ଯ୍ୟାଳୟ ସହାୟକ (କିରାଣି) ଗୋରେଖ ପ୍ରସାଦ ସିଂହଙ୍କୁ ସୋମବାର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନ ଶିକ୍ଷକ ସର୍ବେଶ୍ୱର ବିଶ୍ୱାଳଙ୍କ ସଭାପତିତ୍ୱରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରବୀନ୍ଦ୍ରନାଥ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ କିରାଣି ସିଂହଙ୍କ ବିଗତ ଦିନର ଦାୟିତ୍ୱ ଓ କର୍ତ୍ତବ୍ୟବୋଧ ନିକଟରେ ଆମ୍ଭେ ସମସ୍ତେ ଚିରଋଣୀ ବୋଲି କହିଥିଲେ। ସେହିପରି ସିଆରସିସି ବିରୂପାକ୍ଷ ସେଠୀ, ସମ୍ମାନିତ ଅତିଥି ଭାବେ ପୂର୍ବତନ ସିଆରସିସିମହମ୍ମଦ ଓସାମ, ଶିକ୍ଷକ କାଳନ୍ଦୀ ଚରଣ ଦାସ, ପଦ୍ମନାଭ ନାୟକ, ଆଲୁମନି କମିଟି ସଭାପତି ବିନୋଦ ମହାନ୍ତି, ଅଜିତ କୁମାର ଭୂୟାଁ, ଚେୟାର ପର୍ସନ ରାଜେନ୍ଦ୍ର ନାରାୟଣ ସିଂହ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଏହି ମଞ୍ଚରେ ମୁଗୁରିଆ କ୍ଲଷ୍ଟର ପକ୍ଷରୁ ଅବସରପ୍ରାପ୍ତ ଏବିଇଓ ନରହରି ମିଶ୍ରଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷୟିତ୍ରୀ ଅଜ୍ଞନା ନାୟକ, ମୌସୁମୀ ରଥ, ରୁକସନା ତାବସୁମ୍, ଗୀତାରାଣୀ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିବାବେଳେ ମନୀଷା ମିଶ୍ର ଅତିଥି ପରିଚୟ ଓ ଶିକ୍ଷକ ସୁଜିତ ବେହେରା ଧନ୍ୟବାଦ ଦେଇଥିଲେ।

## ବିଡିଓଙ୍କୁ ଜନସ୍ୱାର୍ଥ ସୁରକ୍ଷା କମିଟିର ଦାବିପତ୍ର

**ନାଉଗାଁ,୩୦।୯(ସ୍ୱ.ପ୍ର.)**

ନାଉଗାଁ ବ୍ଲକ ଜନ ସ୍ୱାର୍ଥ ସୁରକ୍ଷା କମିଟି ପକ୍ଷରୁ ବିଭିନ୍ନ ସମସ୍ୟା ନେଇ ସୋମବାର ବିଡିଓ ରଶ୍ମିରେଖା ମଲ୍ଲିକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ବ୍ଲକ କାର୍ଯ୍ୟାଳୟଠାରୁ ତହସିଲ ପର୍ଯ୍ୟନ୍ତ ରାସ୍ତା ମରାମତି, ଦେବୀଦୋଳଠାରେ ଦେବୀ ନଦୀରେ ଏକ ବ୍ୟାରେଜ ନିର୍ମାଣ, ଘୋଡାଂଶଠାରେ ବନ୍ଦ ହୋଇଥିବା କେନାଲକୁ ନାଉଗାଁ ପଞ୍ଚାୟତକୁ ସମ୍ପ୍ରସାରଣ, ବଛାଳୋଠାରେ ବନ୍ଦ କେନାଲକୁ ଶିଖର ପଞ୍ଚାୟତକୁ ସମ୍ପ୍ରସାରଣ, ସ୍ଥାୟୀ ଜଳସେଚନ ବ୍ୟବସ୍ଥା କରିବାକୁ କମିଟି ପକ୍ଷରୁ ଦାବି କରାଯାଇଛି। କମିଟିର ସଭାପତି ବଂଶୀଧର ବେହେରାଙ୍କ ନେତୃତ୍ୱରେ ସୁବାସ ସ୍ୱାଇଁ, ନବକିଶୋର ମହାନ୍ତି, ସୁରେଶ ଚନ୍ଦ୍ର ବେହେରା, ବସନ୍ତ ମଲ୍ଲିକ୍, ମହେଶ୍ୱର ଦାସ, ରଘୁନାଥ ଦାସ, ପ୍ରମୁଖ ବିଡିଓଙ୍କୁ ଦାବିପତ୍ର ଦେଇଥିଲେ।

## ବାଲିକୁଦା ମହାବିଦ୍ୟାଳୟ ସମସ୍ୟା ବୁଝିଲେ ମନ୍ତ୍ରୀ



କଲେଜ କର୍ମଚାରୀଙ୍କ ସହ ମନ୍ତ୍ରୀ ରଘୁନନ୍ଦନ ଦାସ।

**ବାଲିକୁଦା,୩୦।୯(ସ୍ୱ.ପ୍ର.)**

ଜଳସମ୍ପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ସୋମବାର ଅଚାନକ ବାଲିକୁଦା ମହାବିଦ୍ୟାଳୟ ପରିଦର୍ଶନରେ ଆସି ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହୋଇଛନ୍ତି। ଏହି ଅବସରରେ ମନ୍ତ୍ରୀ ଦାସ କଲେଜର ସମସ୍ତ ଶ୍ରେଣୀଗୃହ, ପାଠାଗାର, ଲାବରେଟୋରୀ, ସାଇକେଲ ଷ୍ଟାଣ୍ଡ, ଖେଳପଡ଼ିଆ ଆଦି ବୁଲି ଦେଖିବା ସହ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲେ। ଷ୍ଟାଫ କମନରୁମରେ ମହାବିଦ୍ୟାଳୟର କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ପଚାରି ବୁଝିଥିଲେ। ପରେ ଅଧ୍ୟକ୍ଷ ନଳିନୀକାନ୍ତ ମହାପାତ୍ରଙ୍କ ସହିତ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରି ମହାବିଦ୍ୟାଳୟର ସମସ୍ତ ଅସୁବିଧା ଦୂର କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ମନ୍ତ୍ରୀଙ୍କ ଅଚାନକ ଏଭଳି ଗସ୍ତ ପାଇଁ ଯଦିଓ ପ୍ରଥମେ ସମସ୍ତ କର୍ମଚାରୀ ଭୟଭୀତ ହୋଇଯାଇଥିଲେ, ତେବେ ପରେ ମହାବିଦ୍ୟାଳୟର ବିଭିନ୍ନ ଉନ୍ନୟନ ମୂଳକ କାମ ପାଇଁ ତାଙ୍କଠାରୁ ପ୍ରତିଶ୍ରୁତି ପାଇଲା ପରେ ସେମାନେ ଖୁସିବ୍ୟକ୍ତ କରିଛନ୍ତି।

## ପ୍ରଧାନ ଶିକ୍ଷକଙ୍କୁ ଅବସର ସମ୍ବର୍ଦ୍ଧନା

**କୁଜଙ୍ଗ,୩୦।୯(ସ୍ୱ.ପ୍ର)**

କୁଜଙ୍ଗ ବ୍ଲକ ବଉଳାଙ୍ଗସ୍ଥିତ ସୁରବାଳା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବଂଶୀଧର ନାୟକଙ୍କୁ ସୋମବାର ଅବସର ସମ୍ବର୍ଦ୍ଧନା ଦିଆଯାଇଛି। ବରିଷ୍ଠ ଶିକ୍ଷକ କେଶବ ଚରଣ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଗୌରାଙ୍ଗ ଚରଣ ରାଉତ, ନୃସିଂହଚରଣ ବାହାଲିଆ, ପଣ୍ଡିତ ନିରଞ୍ଜନ ଦାଶ, ପ୍ରମୋଦ କୁମାର ସାମନ୍ତରାୟ, ପ୍ରଦୀପ ସ୍ୱାଇଁ, ବିଭୂତି ଭୂଷଣ ଦାସ, ଅଭୟ ସ୍ୱାଇଁ, ନିତ୍ୟାନନ୍ଦ ଜେନା, ଦିବାକର ମଲିକ୍ ପ୍ରମୁଖ ଉପସ୍ଥିତ ରହି ପ୍ରଧାନ ଶିକ୍ଷକ ନାୟକଙ୍କ ଆଦର୍ଶ, ପାଠପଢା ଶୈଳୀ, ନମ୍ର ବ୍ୟବହାର ଓ କର୍ତ୍ତବ୍ୟ ପରାୟଣତା ସମ୍ପର୍କରେ କହିଥିଲେ। ପ୍ରଧାନ ଶିକ୍ଷକ ନାୟକ ଚାକିରି ଜୀବନର ସ୍ମୃତି ସମ୍ପର୍କରେ କହିବା ସହ ବ୍ଲକଗ୍ରାଣ୍ଟ ବ୍ୟବସ୍ଥାକୁ ସମାଲୋଚନା କରିଥିଲେ। ଦୀର୍ଘ ୩୩ ବର୍ଷର ଶିକ୍ଷକତା ଜୀବନରେ ସେ ୨୬ଶହ ଛାତ୍ରଙ୍କ ଭବିଷ୍ୟତ ଗଢିଛନ୍ତି। ଏବେ ଅବସର ପରେ ପରିବାର ପ୍ରତିପୋଷଣକୁ ନେଇ ସେ ଚିନ୍ତାରେ ପଡିଛନ୍ତି। ବ୍ଲକ୍‌ଗ୍ରାଣ୍ଟ ଶିକ୍ଷକଙ୍କ ପେନ୍‌ସନ ନ ଥିବାରୁ ବହୁ ଶିକ୍ଷକ ଓ କର୍ମଚାରୀଙ୍କ ଭବିଷ୍ୟତ ଅନ୍ଧାରକୁ ଚାଲିଯାଉଥିବା ସେ କହିଥିଲେ।

■ ଓଡ଼ିଶା ନିର୍ମାଣ ଶ୍ରମିକ ୟୁନିୟନର ସମ୍ମିଳନୀ

# ସାହାଯ୍ୟ ନୁହେଁ, ନ୍ୟାଯ୍ୟ ହକ୍ ଦରକାର

**ରଘୁନାଥପୁର, ୩୦। ୯ (ଡି.ଏନ.ଏ.)**

ନିର୍ମାଣ ଶ୍ରମିକଙ୍କୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପ୍ରତାରିତ କରି ଚାଲିଛନ୍ତି। ଛାତ୍ର ବୃତ୍ତିକୁ ବନ୍ଦ କରି ଦିଆଯାଇ ମାଗଣାରେ ଜୋତା ଓ ସାଇକେଲ ବଣ୍ଟନ କରି ଦେଲେ ଶ୍ରମିକ ପିଲାଙ୍କ ଶିକ୍ଷାକ୍ଷେତ୍ରରେ ଉନ୍ନତି ହୋଇପାରିବ ନାହିଁ। ଅନ୍ୟପକ୍ଷରେ ଶ୍ରମିକଙ୍କ ମଜୁରି ବୃଦ୍ଧି ସହ ଆନୁଷଙ୍ଗିକ ପେନ୍‌ସନ ବ୍ୟବସ୍ଥା ଅତ୍ୟନ୍ତ ଜରୁରୀ। ସାହାଯ୍ୟ ନୁହେଁ ଆମର ନ୍ୟାଯ୍ୟ ହକ୍ ଦରକାର ବୋଲି ଓଡ଼ିଶା ନିର୍ମାଣ ଶ୍ରମିକ ୟୁନିୟନ ତାରପୁର ଆଞ୍ଚଳିକ କମିଟିର ୬ଷ୍ଠ ବାର୍ଷିକ ସମ୍ମିଳନୀରେ ୟୁନିୟନର ରାଜ୍ୟ ଉପସଭାପତି ତଥା ଜିଲା ସଭାପତି ଲୋଭାକାନ୍ତ ସ୍ୱାଇଁ ମତବ୍ୟକ୍ତ କରିଥିଲେ। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ନିର୍ମାଣ ଶ୍ରମିକ ଆଇନକୁ ପରିବର୍ତ୍ତନ ପାଇଁ ନିଆଯାଇଥିବା ପଦକ୍ଷେପକୁ ବିରୋଧ କରିବା ସହ ଏଥିପାଇଁ ସଙ୍ଗଠିତ ହୋଇ ଜନ ଆନ୍ଦୋଳନ କରିବାକୁ ପରାମର୍ଶ ରଖିଥିଲେ। ଆଞ୍ଚଳିକ କମିଟିର ମୁଖ୍ୟ ବିନ୍ଦୁସାଗର ଓଝାଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଗଣତାନ୍ତ୍ରିକ ମହିଳା ସମିତି ରାଜ୍ୟ ଉପସଭାନେତ୍ରୀ ପୁଷ୍ପା ଦାସ ମୁଖ୍ୟ ଅତିଥି ଭାବେ ମଞ୍ଚାସୀନ ହୋଇ, ସରକାର ନାରୀ ସଶକ୍ତୀକରଣ କଥା କହୁଥିବାବେଳେ ପୁରୁଷମାନଙ୍କ ତୁଳନାରେ ମହିଳା ଶ୍ରମିକମାନଙ୍କୁ ସମାନ ମଜୁରି ଦିଆଯାଉନି। ଏଥିରେ ମହିଳାମାନଙ୍କ ସମାନ ଅଧିକାର ଆସିଲା କେଉଁଠୁ ବୋଲି କହିଥିଲେ।




ସମ୍ମିଳନୀରେ ଉପସ୍ଥିତ ଅତିଥି।

ସମ୍ମାନିତ ଅତିଥି ଭାବେ ସମ୍ବକାର ବସନ୍ତ ମାଝି, ଦଳିତ ଶୋଷଣ ମୁକ୍ତି ମଞ୍ଚର ଜିଲା ଆବାହକ ଯୁଧିଷ୍ଠିର ଦାସ, ଯୁଗ୍ମ ସମ୍ପାଦକ ଶରତ କୁମାର ବେହେରା, ରମେଶ କୁମାର ବେହେରା, କୃଷ୍ଣଚନ୍ଦ୍ର ବଡ଼ିଆ ପ୍ରମୁଖ ନିଜର ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଆଗାମୀ ବର୍ଷ ପାଇଁ ନିର୍ବାଚନ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା। ସଭାପତି ଭାବେ ଧନେଶ୍ୱର ରାଉତ, ସମ୍ପାଦକ ବିନ୍ଦୁସାଗର ଓଝା, ସହସମ୍ପାଦିକା ପ୍ରମିଳା ସେଠୀ, ଉପସଭାପତି ସଚ୍ଚୀକାନ୍ତି ମହାରଣା, କୋଷାଧ୍ୟକ୍ଷ ଯୁଗଳ ବାରିକଙ୍କ ସମେତ କମିଟି ସଭ୍ୟଗଣ ନିର୍ବାଚିତ ହୋଇଥିଲେ। ଶେଷରେ ଶ୍ରମିକମାନଙ୍କୁ ନେଇ ବାମଦେବ ସ୍ୱାଇଁଙ୍କ ରଚିତ ଏବଂ ପ୍ରକାଶ ଚନ୍ଦ୍ର ସ୍ୱାଇଁଙ୍କ ନିର୍ଦ୍ଦେଶିତ ନାଟକ ‘ଅଛୁଆଁ’ ପରିବେଷିତ ହୋଇଥିଲା।

## ଆଜି କ'ଣ କେଉଁଠି

### ଓଲଟିଲା ମାଲବୋଝେଇ ହାଇୱା

ମହାକାଳପଡ଼ା,୩୦।୯(ଡି.ଏନ୍.ଏ.): ମହାକାଳପଡ଼ା ବ୍ଲକ ଅଧୀନ ପ୍ରଭାକରପୁର ଖରିନାସୀ ପୂର୍ତ୍ତ ରାସ୍ତାର ସ୍ଥାନୀୟ ରାମଚଣ୍ଡୀ ସେତୁ ପାର୍ଶ୍ୱ ଆପ୍ରୋଚ ରୋଡ୍‌ରେ ସୋମବାର ଏକ ମାଲବୋଝେଇ ଟ୍ରକ ଭାରସାମ୍ୟ ହରାଇ ବାମପାର୍ଶ୍ୱକୁ ଧସିଯାଇଛି। ଚାଳକ ଜଣକ ଅଳ୍ପକେ ଦୁର୍ଘଟଣାରୁ ବର୍ତ୍ତିଯାଇଛନ୍ତି। ପୂର୍ବାହ୍ନରେ ରାମନଗର ବଜାରରୁ ଏକ ଘରୋଇ ବସ୍ କଟକ ଅଭିମୁଖେ ଯାଉଥିଲା। ଅପରପାର୍ଶ୍ୱରୁ ଏହି ମାଲବୋଝେଇ ହାଇୱା ଆସୁଥିଲା। ଆପ୍ରୋଚ ରୋଡ୍‌ରେ ନିକଟରେ ଏହି ହାଇୱା ବସ୍‌କୁ ସାଇଡ୍ ଦେବାକୁ ଯାଇ ନରମ ମାଟିକୁ ଖସିଯାଇଥିଲା। ସେଠାରେ ଚକ ଦବି ଯିବାରୁ ଭାରସାମ୍ୟ ହରାଇ ଏହା ଓଲଟି ପଡ଼ିଥିଲା। ସୂଚନାଯୋଗ୍ୟ, ଚଳିତ ବର୍ଷ ମାର୍ଚ୍ଚ ପ୍ରଥମ ସପ୍ତାହରେ ଏହି ରାମଚଣ୍ଡୀ ସେତୁର ଉଦ୍‌ଘାଟନ କରାଯାଇଥିବା ବେଳେ ଆପ୍ରୋଚ ରାସ୍ତା ପାର୍ଶ୍ୱରେ ନୂତନ ମାଟି ପଡ଼ିଥିଲା। ଲଗାଣ ବର୍ଷାରେ ଏହି ରାସ୍ତା ଓ ମାଟିଗୁଡ଼ିକ ଦବି ବିପଦସଙ୍କୁଳ ହୋଇପଡ଼ିଥିବା ସୂଚନା ମିଳିଛି।

### ଔଷଧ ବିକଳରେ ଟାଟିଆ କାମୁଡୁଛି କଂଗ୍ରେସ: ବିଜେଡି

ପଟ୍ଟାମୁଣ୍ଡାଇ,୩୦।୯(ସ୍ୱ.ପ୍ର.): ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅଧୀନ ଅଳଭାଠାରେ ନିର୍ମିତ ବୃହତ ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟନକୁ ନେଇ ବିଜେଡି ଓ କଂଗ୍ରେସ ମଧ୍ୟରେ ବିବାଦ ସୃଷ୍ଟି ହୋଇଛି। ସୋମବାର ପଟ୍ଟାମୁଣ୍ଡାଇ ବ୍ଲକ ବିଜେଡି ପକ୍ଷରୁ ଏନେଇ ଏକ ପ୍ରେସ ବିବୃତ୍ତି ଜରିଆରେ କଂଗ୍ରେସକୁ ସମାଲୋଚନା କରାଯାଇଛି। ପରାଜୟ ଗ୍ଲାନିରେ ଜର୍ଜ୍ଜରିତ ହୋଇ କଂଗ୍ରେସ ଦଳ ଔଷଧ ବିକଳରେ ଟାଟିଆ କାମୁଡ଼ୁଛି ବୋଲି ଉକ୍ତ ବିବୃତ୍ତିରେ ଉଲ୍ଲେଖ କରାଯାଇଛି। ପ୍ରକଳ୍ପର ଲୋକାର୍ପିତ ପରେ କଂଗ୍ରେସ ଦଳର ନିଦ ଭାଙ୍ଗିଛି ବୋଲି ସେଥିରେ ଦର୍ଶାଯାଇଛି। ଏହି ପ୍ରେସ ବିବୃତ୍ତି ଅନୁସାରେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ୨୦୧୩ରେ ଅଳଭା ଜଳ ବିଶୋଧନାଗାର ପ୍ରକଳ୍ପର ଶୁଭ ଦିଆଯାଇଥିଲା। ଏହି ପ୍ରକଳ୍ପରେ ବିଳମ୍ବ ହୋଇଥିବାରୁ ଅଗଷ୍ଟ ୧୨ ତାରିଖରେ ନଗର ଉନ୍ନୟନ ମନ୍ତ୍ରୀ ଜେନା ସଚିବାଳୟରେ ବିଧାୟକ ଧ୍ରୁବ ସାହୁଙ୍କ ଉପସ୍ଥିତିରେ ଏକ ଉଚ୍ଚସ୍ତରୀୟ ବୈଠକ ହୋଇଥିଲା। ଏହି ଅବସରରେ ପ୍ରକଳ୍ପର ସମୀକ୍ଷା କରାଯାଇ ଯୁଦ୍ଧକାଳୀନ ଭିତ୍ତିରେ ଏହାକୁ ସମ୍ପୂର୍ଣ୍ଣ କରିବା ପାଇଁ ବିଭାଗୀୟ ଯନ୍ତ୍ରୀ ଓ ଉଚ୍ଚସ୍ତରୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ତଦନୁଯାୟୀ ନିର୍ଦ୍ଧାରିତ ସମୟରେ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ଏହାକୁ ଉଦ୍‌ଘାଟନ କରାଯାଇଛି। ପୂର୍ବତନ ବିଧାୟକ ମହାନ୍ତି ମନ୍ଦ ରାଜନୈତିକ ଉଦ୍ଦେଶ୍ୟ ରଖି ଏହି ଅସମ୍ପୂର୍ଣ୍ଣ ପ୍ରକଳ୍ପକୁ ଉଦ୍‌ଘାଟନ କରି ବାହାସ୍ଫୋଟ ମାରିବା ହାସ୍ୟାସ୍ପଦ ବୋଲି ବିଜେଡି ପକ୍ଷରୁ କୁହାଯାଇଛି। ଏହି ପ୍ରେସ୍ ବିବୃତ୍ତିର ବିବରଣୀ ପ୍ରଦାନ ସମୟରେ ପଟ୍ଟାମୁଣ୍ଡାଇ ବିଜେଡି ବ୍ଲକ ସଭାପତି କିଶୋର ସାହୁ, ନଗର ସଭାପତି ଭୋଳାନାଥ ପାଢ଼ୀ, ପୂର୍ବତନ ପୌରାଧ୍ୟକ୍ଷା ବୈଜୟନ୍ତୀମାଳା ଲେଙ୍କା ଓ ପ୍ରାକ୍ତନ ଅଧ୍ୟକ୍ଷ ହେମନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ରବିବାର ରାଜ୍ୟ ନଗର ଉନ୍ନୟନ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ପ୍ରତାପ ଜେନା ଏହାକୁ ଉଦ୍‌ଘାଟନ କରିବା ପରେ କଂଗ୍ରେସ ଦଳ ପକ୍ଷରୁ ପ୍ରଶ୍ନ ଉଠାଯାଇଥିଲା। ଗତ ମାର୍ଚ୍ଚ ୮ରେ ରାଜନଗର ପୂର୍ବତନ ବିଧାୟକ ମହାନ୍ତି ଏହାକୁ ଉଦ୍‌ଘାଟନ କରିଥିବା ବେଳେ ପୁନର୍ବାର ମନ୍ତ୍ରୀ ଜେନା ଏହାକୁ କାହିଁକି ଉଦ୍‌ଘାଟନ କଲେ ବୋଲି କଂଗ୍ରେସ ପକ୍ଷରୁ ପ୍ରଶ୍ନ କରାଯାଇଥିଲା।

### ଡକାୟତି ଘଟଣା: ଅଭିଯୁକ୍ତ କୋର୍ଟ ଚାଲାଣ

ଆଳି, ୩୦।୯ (ଡି.ଏନ୍.ଏ.): ପୋଲିସ ଏନ୍‌କାଉଣ୍ଟରର ଶିକାର ହୋଇଥିବା ହୃଷୀକେଶ ମଲିକଙ୍କୁ ପୋଲିସ୍ ସୋମବାର କୋର୍ଟ ଚାଲାଣ କରିଛି। ଗତ ଶୁକ୍ରବାର ବିଳମ୍ବିତ ରାତିରେ ଆଳି ଥାନା ଅଧୀନ ଜୁଆଣିଆ ଗ୍ରାମର ନବଘନ ପରିଡାଙ୍କ ପରିବାର ଲୋକଙ୍କୁ ମରଣାନ୍ତକ ଆକ୍ରମଣ କରି ହୃଷୀକେଶଙ୍କ ସମେତ ୬ଜଣ ଲୁଟ୍‌ପାଟ କରି ଫେରାର ହୋଇଯାଇଥିଲେ। ହେଲେ କେନ୍ଦ୍ରାପଡ଼ାର ଗରାପୁର ଭିଜିଲାନ୍ସ ଅଫିସ ଆଗରେ ସଦର ଥାନା ପୋଲିସ ଏନ୍‌କାଉଣ୍ଟର କରି ହୃଷୀକେଶଙ୍କୁ ଧରିଥିବା ବେଳେ ଅନ୍ୟ ୫ ଜଣ ଫେରାର ହୋଇଯାଇଥିଲେ। ହୃଷୀକେଶଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସୋମବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛଇ।

# ମା'ଙ୍କ ପାଖରେ ପୂଜା ପାଏ କ୍ଷତ୍ରିୟଙ୍କ ଖଣ୍ଡା



**ଶାରଦୀୟ ଦୁର୍ଗାପୂଜା ଆଉ ମାତ୍ର ୪ ଦିନ**

**ଇନ୍ଦୁପୁର ହବେଳି ସାହି**

ଡେରାବିଶ,୩୦।୯ (ସ୍ୱ.ପ୍ର.)

ମା'ଙ୍କ ଶାରଦୀୟ ଦୁର୍ଗାପୂଜା ଆରମ୍ଭକୁ ଆଉ ମାତ୍ର ୪ ଦିନ। ଏଥିପାଇଁ ସହରଠାରୁ ଗାଁ ହୋଇଉଠିଛି ଚଳଚଞ୍ଚଳ। ଚଳିତବର୍ଷ କେନ୍ଦ୍ରାପଡା ଜିଲା ଇନ୍ଦୁପୁର ଠାରେ ହୋଇ ଆସୁଥିବା ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ଧୁମଧାମରେ ଚାଲିଛି। ଇନ୍ଦୁପୁର ଅଞ୍ଚଳରେ ଦୁର୍ଗାପୂଜା ଏକ ଗଣପର୍ବ ଭାବେ ପାଳନ କରାଯାଉଛି। ଏହି ଅଞ୍ଚଳର ବିଭିନ୍ନ ସାହି ଓ ବଜାରରେ ପାଖାପାଖି ୧୫ଟି ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ସହ ବିଭିନ୍ନ ଦେବଦେବୀଙ୍କ ମୂର୍ତ୍ତି ପୂଜା ହୋଇଥାଏ।

ଜନଶ୍ରୁତି ଅନୁଯାୟୀ ,ଇନ୍ଦୁପୁର ଗ୍ରାମର ପଣ୍ଡିତ ଚନ୍ଦ୍ରମଣି ଚକ୍ରବର୍ତ୍ତୀ ବହୁ ବର୍ଷ ପୂର୍ବେ ନିଜ ଘରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ କୌଣସି କାରଣରୁ କିଛି ବର୍ଷ ପାଇଁ ଏହି ପୂଜା ବନ୍ଦ ହୋଇ ଯାଇଥିଲା। ପୁନର୍ବାର ସାହି ଲୋକଙ୍କ ଉଦ୍ୟମକ୍ରମେ ମା'ଙ୍କ ପୂଜା ବହୁତ ଧୁମଧାମରେ ପାଳିତ ହୋଇଆସୁଛି। ସେହିପରି ଇନ୍ଦୁପୁର ହବେଳି ସାହିର ଦୁର୍ଗାପୂଜା ପ୍ରସିଦ୍ଧି ଲାଭ କରିଛି। ଥାନପତି ମେଢ ଭାବେ ପରିଚିତ ଥିବା ଏହି ପୂଜା ମଧ୍ୟ ୧୦୦ବର୍ଷ ଧରି ପାଳିତ ହୋଇଆସୁଛି। ଏ ସମ୍ପର୍କରେ ଶିକ୍ଷାବିତ ତ୍ରିଲୋଚନ ଜେନା କୁହନ୍ତି ଗ୍ରାମ ନିକଟରେ ବହି ଯାଉଥିବା ବିରୂପା ନଦୀରେ ଏକ କାଠରେ ନିର୍ମିତ ମେଢ ଭାସୁଥିବା ଦେଖି ଗ୍ରାମର ପୂର୍ବପୁରୁଷ ସାହି ମଧ୍ୟରେ ମା'ଙ୍କ ପୂଜା ଆରମ୍ଭ କରିବାକୁ ଉଦ୍ୟମ କରିଥିଲେ। ପରେ ଏହି ପୂଜା ଧୁମଧାମରେ ଆରମ୍ଭ ହୋଇଥିଲା। ତେବେ ସାହିରେ ଥିବା ୩୦୦ ପରିବାରଙ୍କ ମଧ୍ୟରୁ ୮୦ରୁ ଊର୍ଦ୍ଧ୍ୱ ପରିବାର କ୍ଷତ୍ରିୟ। ମା'ଙ୍କ ଆୟୁଧ ଭାବେ ପୂଜା ପାଉଥିବା ଖଣ୍ଡା କ୍ଷତ୍ରିୟମାନଙ୍କର ମୁଖ୍ୟ ସନ୍ତକ ହୋଇଥିବାରୁ ପୂଜା ସମୟରେ ପ୍ରତ୍ୟେକ ପରିବାରରୁ ଖଣ୍ଡା ମା'ଙ୍କ ନିକଟରେ ପୂଜା ପାଇଥାଏ। ଏଥିସହିତ ନବମୀ ତିଥିରେ ରାତି ୧୨ଟାରେ ମା'ଙ୍କ ନିକଟରେ ଅନୁଷ୍ଠିତ କାଳିକା ନୃତ୍ୟ ବିଶେଷ ପରମ୍ପରା। କାଳିକା ନୃତ୍ୟ କରୁଥିବା ବ୍ୟକ୍ତି ଜଣକ ଅତି ନିଷ୍ଠାର ସହ ଉପବାସ ରହି ମା'ଙ୍କ ନିକଟରେ ନୃତ୍ୟ ପରିବେଷଣ କରିଥାନ୍ତି। ସେହିପରି ଇନ୍ଦୁପୁରର ବଙ୍ଗାଳି ସାହିରେ ମା'ଙ୍କ ପୂଜା ଅତି ପ୍ରାଚୀନ। ଏହି ପୂଜା ବଙ୍ଗୀୟ ପରମ୍ପରାରେ ହୋଇଥାଏ। ୪ ଦିନ ଧରି ପୂଜା ହେଉଥିବା ବେଳେ ସାହିରେ ଥିବା ୬୦ରୁ ଊର୍ଦ୍ଧ୍ୱ ପରିବାରର ସଦସ୍ୟମାନେ ନୂତନ ବସ୍ତ୍ର ପରିଧାନ କରିଥାନ୍ତି। ପୂଜାର ବିଶେଷତ୍ୱ ହେଲା ସାହିର ଜଣେ ବୟସ୍କା ମହିଳା ପୂଜା ଆରମ୍ଭରୁ ଶେଷଯାଏ ଉପବାସ ରହିଥାନ୍ତି। ଦଶହରା ତିଥିରେ ବିସର୍ଜନ ସମୟରେ ମା'ଙ୍କୁ ଆଞ୍ଜୁଳି ଦେଇ ବିଦାୟ ଦେଇଥାନ୍ତି। ପରେ ମହିଳା ଜଣଙ୍କ ଅନ୍ନ, ଜଳ ଗ୍ରହଣ କରିଥାନ୍ତି। ମା'ଙ୍କୁ ନିଜ ଝିଅ ଭାବି ମହିଳା ୪ ଦିନ ପୂଜା କରିଥାନ୍ତି। ଏହି ପୂଜାର ଶେଷଦିନ ଓ ଦଶହରା ତିଥିରେ ମହିଳାମାନଙ୍କ ସିନ୍ଦୁର କେଳି ଏକ ସ୍ୱତନ୍ତ୍ର ପରମ୍ପରା। ଏହାଛଡା ପ୍ରତ୍ୟେକ ପରିବାରର କନିଷ୍ଠ ବ୍ୟକ୍ତି ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ଠାରୁ ଆଶୀର୍ବାଦ ଗ୍ରହଣ କରିବା ସହ ପରସ୍ପରକୁ କୋଳାକୋଳି କରିଥାନ୍ତି।

ଏହି ପୂଜାର ବିଶେଷତ୍ୱ ହେଲା ଏକାଦଶୀ ତିଥିରେ ମା'ଚଣ୍ଡୀଙ୍କ ପୀଠରେ ମେଳଣ ଉତ୍ସବ। ଏହି ମେଳଣର ଥାନପତି ଭାବେ ହବେଳି ସାହିର ଦୁର୍ଗାମେଢ ପ୍ରଥମେ ଉପବେଶନ କରିବା ପରେ ଇନ୍ଦୁପୁର ଓ ଧୁମାନ୍ତ ଅଞ୍ଚଳର ଅନ୍ୟ ମେଢ ଶୋଭାଯାତ୍ରା ମଧ୍ୟରେ ମେଳଣକୁ ଆସିଥାନ୍ତି। ପରଦିନ ରାତି ୧୦ଟା ସୁଦ୍ଧା ଥାନପତିଙ୍କ ମେଢ ପକ୍ଷରୁ ସମସ୍ତ ମେଢ ନିକଟରେ ଭୋଗ ଲାଗି ହେବାପରେ ବିସର୍ଜନ ପାଇଁ ବିରୂପା ନଦୀକୁ ଯାଇଥାନ୍ତି। ଚଳିତବର୍ଷ ମେଳଣକୁ ଶାନ୍ତି ଶୃଙ୍ଖଳାର ସହ କରିବା ପାଇଁ ଶାନ୍ତି କମିଟି ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି ବୋଲି କର୍ମକର୍ତ୍ତା ଶରତ ମଲ୍ଲିକ ପ୍ରକାଶ କରିଛନ୍ତି। କେଉଁ ସମୟରେ କେଉଁ ମେଢ ମେଳଣ ପଡିଆକୁ ପ୍ରବେଶ କରିବେ ସେଥିପାଇଁ ଶାନ୍ତି କମିଟି ବୈଠକରେ ସ୍ଥିର ହୋଇଛି। ଏହି ମେଳଣକୁ ଆସୁଥିବା ମେଢଗୁଡିକ ହେଲା ଥାନପତି ଦୁର୍ଗାପୂଜା କମିଟି, ହରିନବାବି ପୂଜା କମିଟି, କଅଁରପୁର ପୂଜା କମିଟି, ହରିନବାବି ପାଟଣା ପୂଜା କମିଟି, ଆଞ୍ଚଳିକ ହରପାର୍ବତୀ ପୂଜା କମିଟି, କାଞ୍ଚି ଅଭିଯାନ ପୂଜା କମିଟି, ଦଶ ଅବତାର ପୂଜା କମିଟି, ଜୟ ହନୁମାନ ପୂଜା କମିଟି, ଲକ୍ଷ୍ମୀନାରାୟଣ ପୂଜା କମିଟି, ଧୁମାତ ବସନ୍ତ ବଗିଚା ହରପାର୍ବତୀ ପୂଜା କମିଟି, ରାଧାକୃଷ୍ଣ ପୂଜା କମିଟି, ପଣ୍ଡିତ ବାଡି ପୂଜା କମିଟି, ପର୍ଶୁରାମ ପୂଜା କମିଟି, ବନଦୁର୍ଗା ପୂଜା କମିଟି ଓ ଅନ୍ନପୂର୍ଣ୍ଣା ପୂଜା କମିଟି। ଏଥର ଦୁର୍ଗାପୂଜାକୁ ଅଧିକ ଶୃଙ୍ଖଳିତ କରିବା ପାଇଁ ଚଳିତ ମାସ ୪ରୁ ୮ ତାରିଖ ଯାଏ ନିକିରାଇ ଥାନା ପକ୍ଷରୁ ପୋଲିସ ବ୍ୟବସ୍ଥା କରାଯାଇଥିବା ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ରଞ୍ଜନ କୁମାର ଦେ କହିଛନ୍ତି। ସେହିପରି ପୂଜା ସମୟରେ ଇନ୍ଦୁପୁର ଧୁମାତ ଅଞ୍ଚଳରେ ପାନୀୟ ଜଳ, ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର, ଆଲୋକ ବ୍ୟବସ୍ଥା, କେନ୍ଦ୍ରାପଡା ଇନ୍ଦୁପୁର ରାସ୍ତା ମରାମତି ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରାଯାଇଥିବା ଇନ୍ଦୁପୁର ସରପଞ୍ଚ ରୀନା ମଲ୍ଲିକ ଓ ଧୁମାତ ସରପଞ୍ଚ ନରହରି ପାଣି ପ୍ରକାଶ କରିଛନ୍ତି।

## ବିରଳ ବହୁରୂପୀ ଏଣ୍ଡୁଅ ଉଦ୍ଧାର



ପଟ୍ଟାମୁଣ୍ଡାଇ, ୩୦।୯ (ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ରାଧାରମଣ ମଠ ପଛ ପଟେ ଥିବା ଛୋଟ ଜଙ୍ଗଲରୁ ଏକ ବିରଳ ବହୁରୂପୀ ଏଣ୍ଡୁଅ ସୋମବାର ଅପରାହ୍ନରେ ଉଦ୍ଧାର କରାଯାଇଛି। ଏଣ୍ଡୁଅଟି ବନ ବିଭାଗକୁ ହସ୍ତାନ୍ତର କରାଯାଇଛି। ରାଧାରମଣ ମଠ ମହନ୍ତ ସ୍ୱାମୀ ଅସୀମାନନ୍ଦ ଦାସ ମହାରାଜା ପ୍ରଥମେ ଏଣ୍ଡୁଅଟିକୁ ଦେଖି ପରିବେଶବିତ୍ ବିଜୟ କବିଙ୍କୁ ଜଣାଇଥିଲେ। ସେ ଏ ନେଇ ମହାକାଳପଡା ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ବିଜୟ କୁମାର ପରିଡ଼ାଙ୍କୁ ଜଣାଇଥିଲେ। ପରେ ବନରକ୍ଷୀ ରାଜେଶ ପଟ୍ଟନାୟକଙ୍କୁ ଏହି ଏଣ୍ଡୁଅ ହସ୍ତାନ୍ତର କରାଯାଇଛି।

## ■ ଜିଲାପାଳଙ୍କ ଜନଶୁଣାଣି ଶିବିରରେ ଅଭିଯୋଗ

# ୭ ବର୍ଷ ପରେ ସମାଧାନ ନିର୍ଦ୍ଦେଶ

ରାଜନଗର, ୩୦।୯ (ଡି.ଏନ୍.ଏ.)

ତ୍ୱରିତ ନ୍ୟାୟ ପ୍ରଦାନ ଓ ସବୁବର୍ଗର ଲୋକଙ୍କୁ ସରକାରୀ ସୁବିଧା ସୁଯୋଗ ଦେବା ପାଇଁ ପ୍ରତି ମାସରେ ସବୁ ବ୍ଲକ ଓ ଜିଲାସ୍ତରରେ ଜିଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହେଉଛି। ଲୋକମାନେ ବ୍ୟକ୍ତିଗତ ଓ ସାମୂହିକ ଅଭିଯୋଗ ନେଇ ଶିବିରରେ ପହଞ୍ଚୁଥିବା ବେଳେ ଲୋକଙ୍କ ସମସ୍ୟା ସୁଧାରିବାରେ ଏହି ଶିବିର କେତେ ଉପଯୋଗୀ ହେଉଛି, ତାହର ଏକ ଉଦାହରଣ କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକରେ ଦେଖିବାକୁ ମିଳିଛି। ୨୦୧୨ରେ ଜିଲାପାଳଙ୍କ ଜନଶୁଣାଣି ଶିବିରରେ ହୋଇଥିବା ଏକ ଅଭିଯୋଗର ସମାଧାନ ଲାଗି ଏବେ ଜିଲା ସମାଜ ମଙ୍ଗଳ ଅଧିକାରୀ ରାଜନଗର ସମନ୍ୱିତ ଶିଶୁ ବିକାଶ ଅଧିକାରୀ (ସିଡିପିଓ)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ନେଇ ଜିଲ୍ୟାବ୍ୟାପୀ ଚର୍ଚ୍ଚା ଆରମ୍ଭ ହୋଇଛି।

ରାଜନଗର ବ୍ଲକ ଗୋସିଗାଁରେ ଅଙ୍ଗନୱାଡି କର୍ମୀ ବିଦ୍ୟୁଲତା ଜେନାଙ୍କ ଦରମା ବନ୍ଦ ଓ ପିଲାଙ୍କ ଖାଦ୍ୟ ସାମଗ୍ରୀ ଆସୁନ ଥିବା ନେଇ ସେ ୬ ଅକ୍ଟୋବର ୨୦୧୨ରେ ଜିଲାପାଳଙ୍କ ଜନଶୁଣାଣି ଶିବିରରେ ଅଭିଯୋଗ କରିଥିଲେ। ଇତିମଧ୍ୟରେ କୋର୍ଟ ନିର୍ଦ୍ଦେଶ ମୁତାବକ ବିବାଦ ଦୂର ହେବା ସହ ତାଙ୍କ ଚାକିରି ନିୟମିତ ହୋଇସାରିଛି। ହେଲେ ୨୦୧୨ରେ ସେ କରିଥିବା ଅଭିଯୋଗର ସମାଧାନ ଲାଗି ଗତ କିଛିଦିନ ତଳେ ରାଜନଗର ସିଡିପିଓଙ୍କୁ ଜିଲା ସମାଜ ମଙ୍ଗଳ ଅଧିକାରୀ ଇମେଲ ଯୋଗେ ନିର୍ଦ୍ଦେଶ ଦେଇଛନ୍ତି। ୭ ବର୍ଷ ତଳେ ଅଭିଯୋଗ ହୋଇଥିବା ବେଳେ ୫ବର୍ଷ ତଳୁ ଏହାର ସମାଧାନ ସରିଛି। ହେଲେ ଏ ପର୍ଯ୍ୟନ୍ତ ବିଭାଗୀୟ କର୍ତ୍ତୃପକ୍ଷ କିପରି ଏ ସମ୍ପର୍କରେ ଜାଣି ନ ପାରି ଦୀର୍ଘବର୍ଷ ପରେ ସମାଧାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି, ସେ ନେଇ ବିସ୍ମୟ ପ୍ରକାଶ ପାଇଛି।

ସେହିପରି ରାଜନଗର ସିଡିପିଓଙ୍କ କାର୍ଯ୍ୟାଳୟରେ ୪ର୍ଥ ଶ୍ରେଣୀ କର୍ମଚାରୀ ଭାବେ କାର୍ଯ୍ୟରତ ଅଜୟ କୁମାର ସାହୁ ୨୦୧୨ ମସିହାରେ ମାସିକ ୩୩୦ଟଙ୍କା ଦରମା ପାଉଥିଲେ। ଚାକିରି ସ୍ଥାୟୀ କରା ନ ଗଲେ ସପରିବାର ଜୀବନ ହରାଇ ଦେବୁ ବୋଲି ଅଜୟଙ୍କ ସ୍ତ୍ରୀ କୁନୁମୁନୁ ଜିଲାପାଳଙ୍କ ଜନଶୁଣାଣି ଶିବିରରେ ଅଭିଯୋଗ କରିଥିଲେ। ୨୦୧୩ ମସିହାରୁ ଅଜୟଙ୍କ ଚାକିରି ସ୍ଥାୟୀ ହୋଇସାରିଲାଣି। ମାତ୍ର କୁନୁମୁନୁଙ୍କ ଅଭିଯୋଗ ଉପରେ ପଦକ୍ଷେପ ନେବାକୁ ଜିଲା ସମାଜ ମଙ୍ଗଳ ଅଧିକାରୀ ଗତ ଡିସେମ୍ବର ୧୯ ତାରିଖରେ ରାଜନଗର ସିଡିପିଓଙ୍କୁ ନିର୍ଦ୍ଦେଶ ଦେଇଥିବା ଜାପଡ଼ିଛି। ଏ ସମ୍ପର୍କରେ ରାଜନଗର ସିଡିପିଓ ପୁଷ୍ପଲତା ଦାସଙ୍କୁ ପଚାରିବାରେ ଇ-ମେଲ ଯୋଗେ ସମସ୍ୟାର ସମାଧାନ କରିବାକୁ ଚିଠି ଆସିଛି। ପୂର୍ବରୁ ସରକାରୀସ୍ତରରେ ଏହାର ସମାଧାନ କରାଯାଇଛି। ସେ ସମ୍ପର୍କରେ ଆମେ ଅବଗତ କରାଇବୁ ବୋଲି କହିଛନ୍ତି। ଏ ନେଇ ଜିଲା ସମାଜ ମଙ୍ଗଳ ଅଧିକାରିଣୀ ଚିନ୍ମୟୀ ରଥ କୁହନ୍ତି, ଚିଠି ସମ୍ପର୍କରେ ଅନୁଧ୍ୟାନ କରିବା ପରେ ଜଣାପଡ଼ିବ।



କାଉପଡ଼ା ରାଜସ୍ୱ କାର୍ଯ୍ୟାଳୟ ଆଗରେ କ୍ଷତିଗ୍ରସ୍ତଙ୍କ ଆନ୍ଦୋଳନ।

## ■ ଫନୀ ବାତ୍ୟା କ୍ଷତିଗ୍ରସ୍ତ ତାଲିକାରେ କ୍ଷତିଗ୍ରସ୍ତଙ୍କ ନାଁ ନାହିଁ

# ପ୍ରତିବାଦରେ କାଉପଡ଼ା ରାଜସ୍ୱ କାର୍ଯ୍ୟାଳୟ ଘେରାଉ

ଡେରାବିଶ, ୩୦।୯ (ସ୍ୱ.ପ୍ର.)

ଗତ ମେ ୩ ତାରିଖରେ ହୋଇଥିବା ଫନୀ ବାତ୍ୟାରେ ଡେରାବିଶ ତହସିଲ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। କ୍ଷତିଗ୍ରସ୍ତଙ୍କ ତାଲିକା ପ୍ରସ୍ତୁତି ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ଟିମ୍ ପ୍ରତି ଘରକୁ ଘର ବୁଲି ରିରପୋର୍ଟ ପ୍ରସ୍ତୁତ କରିଥିଲେ। ଇତିମଧ୍ୟରେ ଡେରାବିଶ ବ୍ଲକ ଅଞ୍ଚଳର କ୍ଷତିଗ୍ରସ୍ତଙ୍କ ତାଲିକା ପ୍ରକାଶ ପାଇଛି। ହେଲେ ତାଲିକାରେ ପ୍ରକୃତ କ୍ଷତିଗ୍ରସ୍ତଙ୍କ ନାମ ନ ଥିବା ବେଳେ ପୋଲିସ୍ କର୍ମଚାରୀ, ପୋଷ୍ଟ ମାଷ୍ଟରଙ୍କ ସମେତ କେତେଜଣ ପେନ୍‌ସନ୍‌ଧାରୀଙ୍କ ନାମ ରହିଛି। ଡେରାବିଶ ତହସିଲ ଅଧୀନ କାଉପଡା ରାଜସ୍ୱ କାର୍ଯ୍ୟାଳୟ ଅଧୀନରେ ଅନେକ କ୍ଷତିଗ୍ରସ୍ତ ଏହି ତାଲିକାରୁ ବଞ୍ଚିତ ହୋଇଛନ୍ତି। ଏହାର ପ୍ରତିବାଦରେ ସୋମବାର କେତେକ କ୍ଷତିଗ୍ରସ୍ତ ପରିବାର କାଉପଡ଼ା ରାଜସ୍ୱ କାର୍ଯ୍ୟାଳୟ ଘେରାଉ କରିବା ସହ ତୁରନ୍ତ ପ୍ରକାଶିତ ତାଲିକା ସଂଶୋଧନ କରିବାକୁ ଦାବି କରିଛନ୍ତି। ଏଥିସହିତ ଏ ନେଇ କ୍ଷତିଗ୍ରସ୍ତଙ୍କ ପକ୍ଷରୁ ଆର୍‌ଆଇ ଶୁଭଶ୍ରୀ ମଲିକଙ୍କୁ ପଚାରିବା ସହ ତାଲିକା ସଂଶୋଧନ ନ ହେବା ପର୍ଯ୍ୟନ୍ତ କାର୍ଯ୍ୟାଳୟ ଘେରାଉ କରିବେ ବୋଲି ଚେତାବନୀ ଦେଇଛନ୍ତି। ତେବେ ଅତିରିକ୍ତ ତହସିଲଦାର ଭୋଳାନାଥ ସେଠୀ ଆନ୍ଦୋଳନକାରୀଙ୍କୁ ଫୋନ୍ ଯୋଗେ ବୁଝାଇଥିଲେ। ଏହାପରେ ଏକ ପ୍ରତିନିଧି ଦଳ ଅତିରିକ୍ତ ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ୭ଦିନ ମଧ୍ୟରେ ସଂଶୋଧିତ ତାଲିକା ପ୍ରକାଶ କରା ନ ଗଲେ ପୁଣି ଆନ୍ଦୋଳନ ହେବ ବୋଲି କ୍ଷତିଗ୍ରସ୍ତ ଲୋକେ ଚେତାବନୀ ଦେଉଛନ୍ତି।

## ବରିଷ୍ଠ ପ୍ରାଧ୍ୟାପକଙ୍କୁ ଅବସର ସମ୍ବର୍ଦ୍ଧନା



ଅବସରପ୍ରାପ୍ତ ପ୍ରାଧ୍ୟାପକ ବ୍ରଜକିଶୋର ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଡେରାବିଶ ୩୦।୯ (ସ୍ୱ.ପ୍ର.)

ଡେରାବିଶ ବ୍ଲକ ଚାନ୍ଦୋଳସ୍ଥିତ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ପ୍ରାଧ୍ୟାପକ ବ୍ରଜକିଶୋର ସ୍ୱାଇଁଙ୍କୁ ସୋମବାର ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ଅଧ୍ୟକ୍ଷ ପ୍ରାଧ୍ୟାପକ ମଦନ ମୋହନ ଜେନା ସଭାପତିତ୍ୱ କରିଥିଲେ। ସଭାରେ ସାହିତ୍ୟିକ ଡ. ପ୍ରକାଶ କୁମାର ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗଦେଇ ଅବସରପ୍ରାପ୍ତ ଶିକ୍ଷକ ସ୍ୱାଇଁଙ୍କ ଉଚ୍ଚ ପ୍ରଶଂସା କରିଥିଲେ। ଅବସରପ୍ରାପ୍ତ ପ୍ରାଧ୍ୟାପକ ସଞ୍ଜୟ କୁମାର ବରାଳ ଓ ଅବସରପ୍ରାପ୍ତ ଗ୍ରନ୍ଥାଗାରିକ ସରୋଜ କୁମାର ଭଦ୍ର ନିମନ୍ତ୍ରିତ ଅତିଥିଭାବେ ଯୋଗଦେଇଥିଲେ। କର୍ମଚାରୀ ପରିଷଦ ସମ୍ପାଦକ ଡକ୍ଟର ଲକ୍ଷ୍ମଣ କୁମାର ଦାଶ, ସହ ସମ୍ପାଦକ ପ୍ରାଧ୍ୟାପକ ଦିଲ୍ଲୀପ କୁମାର ଭୂୟାଁ ଓ ଡକ୍ଟର ରରାମଚନ୍ଦ୍ର ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାଧ୍ୟାପକ ବିନୟ କୁମାର ଷଡ଼ଙ୍ଗୀ, ଅଧ୍ୟାପିକା ଶ୍ରୀମତୀ ଦାସ, ଝରାଶ୍ରୀ ପରିଜା, ମିନାକ୍ଷୀ ପ୍ରଧାନଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକାଅଧ୍ୟାପକ ଯୋଗଦେଇ ଶିକ୍ଷକ ସ୍ୱାଇଁଙ୍କ ସମୟାନୁବର୍ତ୍ତିତା, ସହିଷ୍ଣୁତା ଆଦି ସମ୍ପର୍କରେ କହିଥିଲେ। ପ୍ରାଧ୍ୟାପକ ଅବନୀ ରଞ୍ଜନ ନାୟକ, ପ୍ରଦୀପ ରାଉତ ସଭା ପରିଚାଳନା କରିଥିଲେ। ଅଧ୍ୟାପକ ବିଶ୍ୱରଞ୍ଜନ ମିଶ୍ର ବେଦପାଠ କରିଥିଲେ। କର୍ମଚାରୀ ପରିଷଦ ପକ୍ଷରୁ ବିଦାୟୀ ପ୍ରାଧ୍ୟାପକଙ୍କୁ ଜଗନ୍ନାଥଙ୍କ ସ୍ୱର୍ଣ୍ଣ ଓ ରୌପ୍ୟ ପ୍ରତିକୃତି, ପୁସ୍ତକ, ଲେଖନୀ, ଉପଢ୍ୱୌକନ ଆଦି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ନରେନ୍ଦ୍ର ବାରିକ, ସୌଭାଗ୍ୟ କୁମାର ପ୍ରଧାନ, ସାନ୍ତନୁ କୁମାର ଜେନା, ଦୀପକ ଜେନା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଅବହେଳିତ ଆଦିବାସୀପଡ଼ା

## ■ ଅଣ୍ଟାଏ ପାଣିରେ ପଶି ଯା'ଆସ କରୁଛନ୍ତି ସିଂପଡ଼ାବାସୀ

ମହାକାଳପଡ଼ା, ୩୦।୯ (ଡି.ଏନ୍.ଏ.)





ଲୋକମାନେ ରାସ୍ତାରେ ଜମି ଥିବା ପାଣିରେ ପଶି ଯାଉଛନ୍ତି।

ମହାକାଳପଡ଼ା ବ୍ଲକ ଅଧୀନ ବଉଳକଣୀ ପଞ୍ଚାୟତ ଆଦିବାସୀପଡ଼ା ସିଂପଡା ଗ୍ରାମକୁ ଯିବାଆସିବା ପାଇଁ ପକ୍କା ରାସ୍ତା ନ ଥିବାରୁ ଲୋକମାନେ ନାନା ସମସ୍ୟା ଭୋଗୁଛନ୍ତି। ବର୍ଷ ତମାମ ଗ୍ରାମବାସୀ ଅସୁବିଧା ଭୋଗୁଥିବା ବେଳେ ବର୍ଷାଦିନେ ଏହି ସମସ୍ୟା ଦ୍ୱିଗୁଣିତ ହୋଇଯାଉଛି। ଗାଁ ବାହାରକୁ ଯିବାକୁ ହେଲେ ଲୋକଙ୍କୁ ଅଣ୍ଟାଏ ପାଣିରେ ପଶି ମୁଖ୍ୟରାସ୍ତାକୁ ଯିବାକୁ ପଡୁଛି। ଏହି ଗ୍ରାମରେ ୬୫ରୁ ଊର୍ଦ୍ଧ୍ୱ ଆଦିବାସୀ ପରିବାର ବସବାସ କରୁଥିବା ବେଳେ ଯା'ଆସ ପାଇଁ ସବୁଦିନିଆ ରାସ୍ତାଟିଏ ନିର୍ମାଣ କରାଯାଉ ନ ଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏ ନେଇ ଗ୍ରାମର ଫଗନ ସିଂ, ରବୀନ୍ଦ୍ର ସିଂ, ନନ୍ଦ ସିଂ, ଚରଣ ସିଂ, ରୁୟା ସିଂ ପ୍ରମୁଖ କହିଛନ୍ତି, ଗ୍ରାମ ରାସ୍ତା ନିର୍ମାଣ ପାଇଁ କେନାଲ ବନ୍ଧଠାରୁ ଲୁଣା ଘେରି ପର୍ଯ୍ୟନ୍ତ ୧.୭ କି.ମି. ରାସ୍ତା ମଧ୍ୟରୁ ୧ କିମି ରାସ୍ତା ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଛି। ମାତ୍ର ଆଉ ୭ ଶହ ମିଟର ରାସ୍ତା ଓ ଏକ କଲଭର୍ଟ ନିର୍ମାଣ ପାଇଁ ଆବଶ୍ୟକ ୫ଲକ୍ଷ ଟଙ୍କା ମଞ୍ଜୁର ହୋଇ ନଥିବାରୁ ରାସ୍ତା କାର୍ଯ୍ୟ ଅଧାରେ ରହିଛି।

ସେହିପରି ନିର୍ବାଚନ ପୂର୍ବରୁ ଏଠାରେ ସିଂପଡ଼ା ଗୋଷ୍ଠୀ କେନ୍ଦ୍ର ନିର୍ମାଣ ପାଇଁ ଆମ ଗାଁ ଆମ ବିକାଶ ଯୋଜନାରେ ୨ ଲକ୍ଷ ଟଙ୍କା ଅନୁଦାନ ଆସିଥିଲା। ମାତ୍ର ଏବେ ବି ଏହି ଗୋଷ୍ଠୀ କେନ୍ଦ୍ର ନିର୍ମାଣ କେବଳ ଏକ ଫଳକରେ ସୀମିତ ରହିଛି। ସରକାର ଗ୍ରାମାଞ୍ଚଳର ବିକାଶ ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଥିବା ବେଳେ ଆଦିବାସୀପଡ଼ା ସିଂପଡ଼ା ଗ୍ରାମ ଅବହେଳିତ ହୋଇ ରହିଛି। ତୁରନ୍ତ ଏହି ପଡ଼ାକୁ ରାସ୍ତା ନିର୍ମାଣ ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ବ୍ଲକ ସହକାରୀ ଯନ୍ତ୍ରୀ ମୁରଲୀଧର ଦାସଙ୍କୁ ପଚାରିବାରେ ଉକ୍ତ ଗ୍ରାମ ରାସ୍ତା ନିର୍ମାଣ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ବିଜେଡିର ସଭ୍ୟ ସଂଗ୍ରହ ଅଭିଯାନ

ପାଟକୁରା, ୩୦।୯ (ଡି.ଏନ୍.ଏ.)

ଗରଦପୁର ବ୍ଲକ ବିଜେଡି ପକ୍ଷରୁ ପ୍ରାଥମିକ ସଭ୍ୟ ସଂଗ୍ରହ ଅଭିଯାନ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଥିଲା। ଏ ନେଇ ଗରଦପୁରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲା ମୁଖ୍ୟଅତିଥି ଭାବେ ଯୋଗଦେଇ ଦଳର ଛାମୁଆ କର୍ମୀମାନଙ୍କୁ ସଭ୍ୟସଂଗ୍ରହ ପୁସ୍ତିକା ପ୍ରଦାନ କରିଥିଲେ। କର୍ମୀମାନେ ଘରକୁ ଘର ବୁଲି ପ୍ରତ୍ୟେକ ପରିବାରରୁ ସଭ୍ୟ ସଂଗ୍ରହ କରିବା ସହିତ ମୁଖ୍ୟମନ୍ତ୍ରୀଙ୍କ ବିକାଶମୂଳକ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ପାଇଁ ବିଧାୟିକା ପରାମର୍ଶ ଦେଇଥିଲେ। ଗରଦପୁର ବ୍ଲକ୍‌ର ୧୮ଟି ପଞ୍ଚାୟତରେ ଥିବା ୨୮୦ ୱାର୍ଡରୁ ୨୮ ହଜାର ସଭ୍ୟ ସଂଗ୍ରହ କରାଯିବ ବୋଲି ବିଜେଡି ନେତା ସଞ୍ଜୟ ଅଗ୍ରୱାଲା ସୂଚନା ଦେଇଥିଲେ। ପ୍ରତ୍ୟେକ ୱାର୍ଡରେ ୩ ଜଣ ପୁରୁଷ ଓ ଜଣେ ମହିଳା ସକ୍ରିୟ କର୍ମୀମାନେ ପ୍ରତ୍ୟେକ ୨୫ ଜଣଙ୍କୁ ସଭ୍ୟ ଭାବେ ଗ୍ରହଣ କରିବାକୁ ସେ କହିଥିଲେ। ଏଥିରେ ଦଳୀୟ ନେତା ନାରାୟଣ ସ୍ୱାଇଁ, ରାଜେଶ ଦାସ, ଚେୟାରମ୍ୟାନ ସ୍ୱର୍ଣ୍ଣପ୍ରଭା ସେଠୀ, ବ୍ଲକ ମହିଳା ସଭାନେତ୍ରୀ ସୁଜାତା ମିଶ୍ର, ସରପଞ୍ଚ ପ୍ରକାଶଚନ୍ଦ୍ର ସାହୁ, ଅନୁଜ କୁମାର ମହାନ୍ତି, ସରପଞ୍ଚ ଗୌରାଙ୍ଗ ଚରଣ ପରିଡ଼ା, ସରପଞ୍ଚ ଅରୁଣ କୁମାର ନାଏକ, ସରପଞ୍ଚ ସୁକାନ୍ତୀ ମୁଦୁଲୀ, ସରପଞ୍ଚ ଗୋକୁଳାନନ୍ଦ ବେହେରା, ସରପଞ୍ଚ ଆରତୀ ମଲିକ, ଜିଲାପରିଷଦ ସଦସ୍ୟା ସୁଜାତା ରାଉତରାୟ ପ୍ରମୁଖ ଯୋଗଦେଇଥିଲେ।

# ‘କେନ୍ଦ୍ରୀୟ ଯୋଜନା ହଡ଼ପ କରୁଛନ୍ତି ରାଜ୍ୟ ସରକାର’

- ପ୍ରତିବାଦରେ ଭାଜପା ପକ୍ଷରୁ ବ୍ଲକ ଘେରାଉ
- ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ଜଗତ୍‌ସିଂହପୁର ଅଫିସ, ୩୦।୯

କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାକୁ ରାଜ୍ୟ ସରକାର ନିଜର ବୋଲି କହି ଲୋକଙ୍କୁ ଭ୍ରମିତ କରିବାକୁ ଅପଚେଷ୍ଟା କରୁଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ବିଜୁ ପକ୍କା ଘର ତଥା ମୋ ଆବାସ ଯୋଜନା ନାମରେ ପ୍ରଚାର ଚଳାଇଛନ୍ତି। କେବଳ ପ୍ରଧାନମନ୍ତ୍ରୀ ଆବାସ ନୁହେଁ, ଅନେକ କେନ୍ଦ୍ରୀୟ ଯୋଜନାକୁ ନାମ ପରିବର୍ତ୍ତନ କରି ମିଛ ବିଜ୍ଞାପନ ଦେଇ ରାଜ୍ୟ ସରକାର ଶୁଖିଲା ବାଃ ବାଃ ନେଉଛନ୍ତି ବୋଲି ଭାଜପା ପକ୍ଷରୁ ଅଭିଯୋଗ ହୋଇଛି। ଏନେଇ ସୋମବାର ଜଗତ୍‌ସିଂହପୁର ଜିଲା ଭାଜପା ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଛି। ଜିଲା ଭାଜପା ସଭାପତି ସତ୍ୟବ୍ରତ ମହାପାତ୍ରଙ୍କ ନେତୃତ୍ୱରେ ବହୁ ନେତା ଓ କର୍ମୀ ବିକ୍ଷୋଭ ପ୍ରଦର୍ଶନ କରିବା ସହ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ସେମାନେ କହିଲେ ଯେ, ମୋଦି ସରକାର ଦେଶରେ ବିଭିନ୍ନ ଜନହିତକର ଯୋଜନା କରୁଥିବା ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେବଳ କେନ୍ଦ୍ରୀୟ ଯୋଜନା ହଡ଼ପ କରିବାରେ ଲାଗିଛନ୍ତି। ନିକଟରେ ମୁଖ୍ୟମନ୍ତ୍ରୀ ଗ୍ରାମାଞ୍ଚଳରେ ୪ ଲକ୍ଷ ପକ୍କାଘର ଶୁଭ ଦେବେ ବୋଲି ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି। କିନ୍ତୁ ଚଳିତ ବଜେଟରେ ବିଜୁ ପକ୍କାଘର ଯୋଜନାରେ ଟଙ୍କାଟିଏ ଅର୍ଥ ବରାଦ କରାଯାଇନି। ତେଣୁ ଏତେ ପକ୍କାଘର ନିର୍ମାଣ ପାଇଁ ରାଜ୍ୟ ସରକାର ଟଙ୍କା କେଉଁଠୁ ଆଣିଲେ ବୋଲି ଭାଜପା ନେତାମାନେ ପ୍ରଶ୍ନ କରିଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କେନ୍ଦ୍ର ସରକାର ବିପୁଳ ଅର୍ଥ ଦେଉଥିବାରୁ ଏହି ଅର୍ଥକୁ ସମ୍ବଳ କରି ରାଜ୍ୟ ସରକାର ନିଶରେ ଘିଅ ମାରିବାକୁ ବସିଛନ୍ତି। କିନ୍ତୁ ଏହାକୁ ସଫଳ କରିବାକୁ ଦିଆଯିବନି ବୋଲି ଭାଜପା ନେତାମାନେ କହିଛନ୍ତି। ଏହି ଅବସରରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର ଦିଆଯାଇଥିଲା। ବିକ୍ଷୋଭ ପୂର୍ବରୁ ସ୍ଥାନୀୟ ସୋମନାଥ ମନ୍ଦିରଠାରୁ ଏକ ଶୋଭାଯାତ୍ରା କରାଯାଇଥିଲା। ଏଥିରେ ପୂର୍ବତନ ଜିଲା ସଭାପତି ଉପେନ୍ଦ୍ର ବିଶ୍ୱାଳ, ସାଧାରଣ ସମ୍ପାଦକ ଜଗନ୍ନାଥ ଦାଶ, ମିଡିଆ ପ୍ରଭାରୀ ଗଣେଶ ପ୍ରସାଦ ମହାନ୍ତି, ଉପସଭାପତି ସୌଭାଗ୍ୟ ମହାନ୍ତି, ନଗର ସଭାପତି ଅକ୍ଷୟ ପାତ୍ର ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ଲକ୍ଷ୍ମୀପ୍ରିୟା ଷଡ଼ଙ୍ଗୀ, କାହ୍ନୁ ସେଠୀ, ମିନତୀ ଜେନା, ରଶ୍ମିତା ବେହେରା, ତାପସୀ ପତି, ଉର୍ମିଳା ସେଠୀ, ତନ୍ମୟ ବେହେରା, ମମତା ବେହେରା, ସୁବାସ ମହାନ୍ତି, ଶିଶିର ପାତ୍ର, ସମିର ନାୟକ, କାଳନ୍ଦୀ ବେହେରା, ମନୋଜ ବାରିକ, ରଣଜିତ ମହାନ୍ତି, ରାଜନାରାୟଣ ସାହଙ୍କ ସମେତ ସମସ୍ତ ମଣ୍ଡଳ ସଭାପତି, ସମ୍ପାଦକ ଓ କୋଷାଧ୍ୟକ୍ଷ ସାମିଲ ହୋଇଥିଲେ।


ଧାରଣାରେ ବସିଥିବା ଭାଜପା ନେତା ଓ କର୍ମୀ।

■ ବିଭିନ୍ନ ସମସ୍ୟା ନେଇ ଭାଜପାର ବିକ୍ଷୋଭ

# ପୃଥକ ଭାବେ ଦାବିପତ୍ର ଦେଲେ ନେତା

ଏରସମା,୩୦।୯(ସ୍ୱ.ପ୍ର.)

ଏରସମା ବ୍ଲକ ଭାଜପା ପକ୍ଷରୁ ସୋମବାର ବିଭିନ୍ନ ସମସ୍ୟା ନେଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ୫ ଦଫା ଦାବିପତ୍ର ଦିଆଯାଇଛି। ତେବେ ଭାଜପା ନେତା ଓ କର୍ମୀମାନେ ପୃଥକ ଭାବେ ଆସି ବିକ୍ଷୋଭ ପ୍ରଦର୍ଶନ କରିବା ସହ ଏହି ଦାବିପତ୍ର ଦେଇଥିଲେ। ପ୍ରଥମେ ଦଳୀୟ କର୍ମୀମାନେ ସଞ୍ଜୟ ମହାନ୍ତିଙ୍କ ନେତୃତ୍ୱରେ ଏକ ସଭା କରିଥିଲେ। ଏଥିରେ ରାଜ୍ୟ ଓବିସି ମୋର୍ଚ୍ଚା ଉପସଭାପତି ନୃସିଂହ ସାହୁ, ଯୁବନେତା ଶଶିକାନ୍ତ ପରିଡ଼ା, ନିର୍ଲିପ୍ତ ଜେନା, ପ୍ରକାଶ ପରିଡା, ପବିତ୍ର ଛାଟୋଇ, ଅରୁଣ କୁମାର ବେହେରା, ଅମୀର ମହାପାତ୍ର ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ଅପାରଗତା ଉପରେ ବର୍ଷିଥିଲେ। ଏଥିସହିତ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ସେହିପରି ଶିବବ୍ରତ ଦାସଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଏରସମା ଜଗନ୍ନାଥ ମନ୍ଦିରଠାରୁ ଶୋଭାଯାତ୍ରାରେ ଆସି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ଗୋଡ଼ା ମଣ୍ଡଳ ସଭାପତି କୃଷ୍ଣଚନ୍ଦ୍ର ଘଡାଇଙ୍କ ସଭାପତିତ୍ୱରେ ଏକ ସଭା ହୋଇଥିଲା। ଏଥିରେ ଚନ୍ଦନ ପୁହାଣ, ଏରସମା ମଣ୍ଡଳ ପ୍ରମୁଖ ଜଟାଧାରୀ ସ୍ୱାଇଁ, ରାଜ୍ୟ ମହିଳା ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଅମିତା ଦାସ, କୃଷକ ମୋର୍ଚ୍ଚା ସଂଯୋଜକ ରଘୁନାଥ ରାଉତ, ଅମ୍ବିକା ପ୍ରସାଦ ମହାନ୍ତି, ଦେବେନ୍ଦ୍ର ପାଇଟାଳ, ସଞ୍ଜୟ ବେହେରା, ସୌଭାଗ୍ୟ ମୁଦୁଲି, ଅନୁପମା ବିଶ୍ୱାଳ ପ୍ରମୁଖ ଯୋଗଦେଇ ୫ ଦଫା ଦାବି ଉପରେ ବକ୍ତବ୍ୟ ଦେଇଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଯୋଗ୍ୟ ହିତାଧିକାରୀ ଚୟନ କରିବା, ବାଦ୍‌ପଡିଥିବା ହିତାଧିକାରୀଙ୍କୁ ରାଶନ କାର୍ଡ ଦେବା, ଦଳୀୟ ଚିନ୍ତାଧାରାରୁ ନିବୃତ୍ତ ରହି ଭତ୍ତା ପ୍ରଦାନ କରିବା ପାଇଁ ସେମାନେ ବିଡିଓ କୈଳାସ ଚନ୍ଦ୍ର ବେହରାଙ୍କୁ ଦାବିପତ୍ର ଦେଇଥିଲେ।



ଭାଜପା ନେତା ଓ କର୍ମୀମାନେ ଶୋଭାଯାତ୍ରାରେ ଯାଉଛନ୍ତି।

■ ଜଳ ସମସ୍ୟା ଦୂର କରିବାକୁ ବନ୍ଦରର ପ୍ରୟାସ

# ପରୀକ୍ଷାମୂଳକ ଭାବେ କାର୍ଯ୍ୟକ୍ଷମ ହେଲା ଏସ୍‌ଟିପି

ପାରାଦୀପ, ୩୦।୯(ସ୍ୱ.ପ୍ର.)

ପାରାଦୀପ ବନ୍ଦର ନଗରୀରେ ଗତ ୩ ରୁ ୪ ବର୍ଷ ହେଲା ଖରାଦିନେ ଉତ୍କଟ ଜଳାଭାବ ଦେଖାଦେଉଛି। ଏହି ସମସ୍ୟାର ସମାଧାନ ପାଇଁ ବନ୍ଦର କର୍ତ୍ତୃପକ୍ଷ ୨ଟି ନୂତନ ବୈଷୟିକ ପଦ୍ଧତି ଆପଣାଇଛନ୍ତି। ସେଥିମଧ୍ୟରୁ ଗୋଟିଏ ହେଲା ଏସଟିପି (ସ୍ୱିଓ୍ୱେଜ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ)। ଏହା ଦ୍ୱାରା ଦୂଷିତ ଜଳକୁ ଶୋଧନ କରି ବ୍ୟବହାର କରାଯାଇପାରିବ। ପାରାଦୀପର ବ୍ୟାଙ୍କଲେନ୍ ଓ ମଧୁବନର ବୃନ୍ଦାବନ କଲୋନୀରେ ୨୨ କୋଟି ଟଙ୍କା ବ୍ୟୟ ଅଟକଳରେ ୨ଟି ଏସ୍‌ଟିପି ପ୍ରତିଷ୍ଠା କରାଯାଇଛି। ଏହି ପ୍ରକଳ୍ପ ୨ଟି ସୋମବାର ପ୍ରଥମକରି ପରୀକ୍ଷାମୂଳକ ଭାବେ କାର୍ଯ୍ୟକ୍ଷମ ହୋଇଛି। ଏହାକୁ ଶୁଭାରମ୍ଭ କରିଥିଲେ ବନ୍ଦର ଅଧ୍ୟକ୍ଷ ରିଙ୍କେଶ ରାୟ। ଏହି ଏସ୍‌ଟିପିର କାମ ହେଲା ସହରାଞ୍ଚଳରେ ଡ୍ରେନ୍ ପାଣିକୁ ଶୋଧନ କରିବା। ଏଥିରୁ ଦୈନିକ ୪.୫ ମିଲିୟନ ଲିଟର ବିଶୋଧିତ ପାଣି ବାହାରିବ। ଏହି ପାଣିକୁ ପଣ୍ୟ ସିଞ୍ଚନ ଓ ବଗିଚାରେ ବ୍ୟବହାର କରାଯିବ। ତେବେ ଆସନ୍ତା ଡିସେମ୍ବର ମାସରେ ପୂର୍ଣ୍ଣମାତ୍ରାରେ ଏହା କାର୍ଯ୍ୟକ୍ଷମ ହେବ ବୋଲି କୁହାଯାଇଛି। ଅନ୍ୟ ଏକ ଜଳ ଉତ୍ସ ମଧ୍ୟରେ ରହିଛି ଲବଣ ଅପସାରଣ ପ୍ଲାଣ୍ଟ। ଯାହା ଏବେ ନିର୍ମାଣାଧୀନ ଅବସ୍ଥାରେ ରହିଛି। ଏହି ପ୍ଲାଣ୍ଟ ହେଲେ ତାହା ସମୁଦ୍ର ପାଣିକୁ ଶୋଧନ କରି ପାନୀୟ ଜଳରେ ରୂପାନ୍ତରିତ କରିବ। ଏହି ଦୁଇ ପ୍ରକଳ୍ପ ଓଡ଼ିଶାର ଅନ୍ୟତମ ମାଇଲଖୁଣ୍ଟ ବୋଲି ବନ୍ଦର ପକ୍ଷରୁ କୁହାଯାଇଛି।


ପାରାଦୀପ ପୌରପରିଷଦ ୬ନଂ ୱାର୍ଡ଼ର ବାଉରିଆପାଳନ୍ଦା ବସ୍ତିରେ ଥିବା ଏକ ଦେବୀ ପୀଠରେ ବର୍ଷାପାଣି ଜମି ରହିଛି।

# ମୋବାଇଲ୍ ଲୁଟ୍ ଅଭିଯୋଗରେ ୨ ଗିରଫ

ପାରାଦୀପ, ୩୦।୯(ସ୍ୱ.ପ୍ର)

ପାରାଦୀପ ଅଭୟଚାନ୍ଦପୁର ଥାନା ଅନ୍ତର୍ଗତ ତୈଳ ବିଶୋଧନାଗାର ରାସ୍ତାରେ ପଥଚାରୀଙ୍କଠାରୁ ଦୁର୍ବୃତ୍ତମାନେ ମୋବାଇଲ୍ ଲୁଟି ନେଉଥିବା ଅଭିଯୋଗ ହୋଇଥିଲା। ଏପରି ଲୁଟ୍ କରୁଥିବା ଗ୍ୟାଙ୍ଗ୍‌ର ୨ଜଣ ସଦସ୍ୟଙ୍କୁ ସୋମବାର ପୋଲିସ ଗିରଫ କରିଛି। ସେମାନେ ହେଲେ ସୁଧିର ସାହାଣୀ ଓ ମହେଶ୍ୱର ମଲ୍ଲିକ। ଦୁଇ ଜଣଙ୍କ ଘର ନୂଆଗଡ଼ ଗ୍ରାମରେ। ଶନିବାର ସନ୍ଧ୍ୟାରେ ତ୍ରିଲୋଚନପୁର ଗ୍ରାମର ରିଙ୍କୁ ବରାଳ ବାଇକ୍ ଯୋଗେ ଘରକୁ ଯାଉଥିଲେ। ତାଙ୍କୁ ଏକ ନିଛାଟିଆ ସ୍ଥାନରେ ୪ଜଣ ଅଟକାଇ ମୋବାଇଲ ଛଡ଼ାଇ ନେଇଥିଲେ। ଏନେଇ ସେ ଥାନାରେ ଅଭିଯୋଗ କରିବା ପରେ ପୋଲିସ କେସ ନଂ.୭୨/୧୯ ରୁଜୁ କରିବା ସହ ମୋବାଇଲ ଟ୍ରାକିଂ କରି ୨ ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ଏକାଧିକ ମୋବାଇଲ ଓ ବାଇକ୍ ଜବତ ହୋଇଛି। ଅନ୍ୟ ଅଭିଯୁକ୍ତମାନଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ ଯୁଗଳ କିଶୋର ଦାସ କହିଛନ୍ତି।

# ଅଙ୍ଗନୱାଡି କେନ୍ଦ୍ରକୁ ନିର୍ମାଣ ହେଲା ରାସ୍ତା

ନାଉଗାଁ, ୩୦।୯(ସ୍ୱ.ପ୍ର.)

ନାଉଗାଁ ବ୍ଲକ ବଛାଲୋ ପଞ୍ଚାୟତର ଅଲଣା-୨ ଅଙ୍ଗନୱାଡି କେନ୍ଦ୍ର ୩ଟି ୱାର୍ଡକୁ ନେଇ ଗଠିତ। ଏହି ଅଙ୍ଗନୱାଡି କେନ୍ଦ୍ରର ଗୃହ ଥିଲେ ମଧ୍ୟ ସେଠାକୁ ଯିବାକୁ ରାସ୍ତା ନ ଥିଲା। ଫଳରେ ବର୍ଷା ହେଲେ ଗୃହ ଚାରିପଟେ ପାଣି ଜମି ରହୁଥିଲା। ପିଲାମାନେ ଯିବା ଆସିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏପରିକି ଅସ୍ୱାସ୍ଥ୍ୟକର ପରିବେଶରେ ବସି ପିଲାମାନେ ପାଠ ପଢୁଥିଲେ। ପାଣି ଜମି ରହିବା ଫଳରେ ଗଛପତ୍ର, ଘାସ ପଚି ଦୁର୍ଗନ୍ଧ ହେଉଥିଲା। ଏନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ସିଡିପିଓ ରାଣେଶ୍ୱରୀ ମହାନ୍ତି ରାସ୍ତା ନିର୍ମାଣ ପାଇଁ ସରପଞ୍ଚଙ୍କ ସହ କଥା ହୋଇଥିଲେ। ଏହା ପରେ ସରପଞ୍ଚ ନରୋତ୍ତମ କାଣ୍ଡି ରାସ୍ତା ନିର୍ମାଣ କରିଛନ୍ତି।




# ଗ୍ରାମ୍ୟ ଜଙ୍ଗଲ ପୁନରୁଦ୍ଧାର ପାଇଁ ଅଣ୍ଟାଭିଡ଼ିଲେ ମହିଳା


ଚାରାରୋପଣରେ ସାମିଲ ହୋଇଥିବା ମହିଳାମାନେ।

ପାରାଦୀପ, ୩୦।୯(ସ୍ୱ.ପ୍ର.)

ପାରାଦୀପ ଉପକଣ୍ଠ ନିହାରୁଣୀ ଓ କନ୍ଧା ଗ୍ରାମ ସୀମାରେ ଥିବା ଗ୍ରାମ୍ୟ ଜଙ୍ଗଲ ବିଭିନ୍ନ କାରଣରୁ ଧ୍ୱଂସ ପାଇବାରେ ଲାଗିଛି। ସେହି ସ୍ଥାନରେ ପୁନଃ ଜଙ୍ଗଲ ସୃଷ୍ଟି ପାଇଁ ଗ୍ରାମର ଦୁଇଟି ସ୍ୱୟଂସହାୟିକା ଗୋଷ୍ଠୀର ମହିଳାମାନେ ଅଣ୍ଟା ଭିଡ଼ିଛନ୍ତି। ସେମାନେ ଉକ୍ତ ଅଞ୍ଚଳରେ ବ୍ୟାପକ ଚାରାରୋପଣ କରିଛନ୍ତି। ସେଗୁଡିକର କିପରି ଯତ୍ନ ନିଆଯିବ ଓ ଜଙ୍ଗଲ ସଂରକ୍ଷିତ କରାଯିବ ସେଥିପାଇଁ ମଧ୍ୟ ଖସଡା ପ୍ରସ୍ତୁତ କରିଛନ୍ତି। ଜଙ୍ଗଲ କିସମ ଜମି ଫାଙ୍କା ରହିବା ଯୋଗୁ କେତେକ ଲୋକ ଦଖଲକୁ ନେବା ପାଇଁ ଉଦ୍ୟମ କରୁଛନ୍ତି। ତେଣୁ ସେହି ସ୍ଥାନରେ ଜଙ୍ଗଲ ସୃଷ୍ଟି କରିବାକୁ ମହିଳାମାନେ ନିଷ୍ପତ୍ତି ନେଇଛନ୍ତି। ଏଥିରେ ସେମାନଙ୍କୁ ସୁରେନ୍ଦ୍ର ମହାନ୍ତ ଓ ରାଜେନ୍ଦ୍ର ବେହେରା ପ୍ରମୁଖ ସହଯୋଗ କରୁଛନ୍ତି।




| Models | Tigor | Nexon | Hexa | Tiago |
| --- | --- | --- | --- | --- |
| ଏକ୍ସଚେଞ୍ଜ ବୋନସ | ₹25,000* | ₹25,000* | ₹35,000* | ₹15,000* |
| ସରକାରୀ / କର୍ପୋରେଟ ଅଫର | ₹10,000* | ₹5,000* | ₹15,000* | ₹5,000* |
| ସର୍ବାଧିକ ଲାଭ | ₹75,000* | ₹85,000* | ₹1,00,000* | ₹70,000* |



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧ ଅକ୍ଟୋବର, ୨୦୧୯



ଭୁଲ୍ କର ପଛେ ଚିନ୍ତା ନାହିଁ, କିନ୍ତୁ ପର ବୁଦ୍ଧିରେ ନ କରି ନିଜ ବୁଦ୍ଧିରେ କର।
- ଏଡ୍‌ୱର୍ଡ



## ସଂକ୍ଷେପରେ

### ଜିଲା ସ୍ୱାସ୍ଥ୍ୟ ସମିତି କାର୍ଯ୍ୟକାରିଣୀ ବୈଠକ ୫-ଟି, ଉତ୍ତମ ସେବା ଉପରେ ଗୁରୁତ୍ୱ

**ପୁରୀ ଅଫିସ, ୩୦।୯:** ପୁରୀ ଜିଲା ସ୍ୱାସ୍ଥ୍ୟ ସମିତି କାର୍ଯ୍ୟକାରିଣୀ ବୈଠକ ସୋମବାର ମୁଖ୍ୟ ଚିକିତ୍ସାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ମୁଖ୍ୟ ଚିକିତ୍ସାଳୟର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ପ୍ରଯୁକ୍ତି, ଯୁବ ସେବା ଓ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା, ଜିଲା ପରିଷଦ ସଭାପତି ଜ୍ୟୋତିର୍ମୟ ଦଲାଇ, ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ପିପିଲି ବିଧାୟକ ପ୍ରଦୀପ ମହାରଥୀ, ଏମ୍‌ପି ପ୍ରତିନିଧି ଘନଶ୍ୟାମ ମର୍ଦ୍ଦରାଜ, ସିଡିଏମ୍‌ଓ ଡା. ନୀଳକଣ୍ଠ ମିଶ୍ର, ଏଡିଏମ୍‌ଓ (ମେଡିକାଲ) ଶଶିଭୂଷଣ ରଥ, ଜିଲାପାଳ ବଲୱନ୍ତ ସିଂ, ପିଡି ବିଶାଳ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ ୫ଟି ସୂତ୍ର ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ଏଥିସହ ମୁଖ୍ୟ ଚିକିତ୍ସାଳୟକୁ ସମ୍ପୂର୍ଣ୍ଣ ଭାବେ ଦଲାଲମୁକ୍ତ କରିବା, ରୋଗୀଙ୍କୁ ଉତ୍ତମ ସେବା ଯୋଗାଇବା ଏବଂ ପରିମଳ ତଥା ସ୍ୱଚ୍ଛତା ପ୍ରତି କର୍ମଚାରୀମାନେ ଧ୍ୟାନ ଦେବା, ୨୪ଘଣ୍ଟିଆ ନିରାମୟ କାଉଣ୍ଟର ଖୋଲା ରଖିବାକୁ କହିଥିଲେ। ଅପରପକ୍ଷେ ଅଧିକ ଟିକେଟ କାଉଣ୍ଟର ବ୍ୟବସ୍ଥା, ଉପଲବ୍ଧ ସେବା ସମ୍ପର୍କରେ ଡିସ୍‌ପ୍ଲେ, ପାର୍କିଂ ବ୍ୟବସ୍ଥା, ଯକ୍ଷ୍ମା ଓ ସଂକ୍ରମଣ ଚିକିତ୍ସାଳୟରେ ଅଚଳ ହୋଇପଡ଼ିଥିବା ଏକ୍ସରେ ମେଶିନ୍ ମରାମତି, ସର୍ଜରୀ ବିଭାଗରେ ହାଇଡ୍ରୋଲେସିସ, ହାର୍ନିଆ, ଖାଦ୍ୟନଳୀ ଅବରୋଧ, ଆପେଣ୍ଡିସାଇଟିସ୍, ପ୍ରୋଷ୍ଟେଟ, ଗଲବ୍ଲାଡର, ଅର୍ଶ, ମଳକଣ୍ଟକ, ଭଗନ୍ଦର ଆଦି ରୋଗର ଉତ୍ତମ ଚିକିତ୍ସା ବ୍ୟବସ୍ଥା ଲାଗି ପଦକ୍ଷେପ ନେବାକୁ ଦାବି କରାଯାଇଛି। ପ୍ରସୂତି ବିଭାଗରେ ନାନା ସମସ୍ୟା ରହିଥିବାବେଳେ ଚର୍ମରୋଗ ବିଭାଗରେ ବିଶେଷଜ୍ଞ ପଦବୀ ଖାଲିପଡ଼ିଛି ବୋଲି ଅଭିଯୋଗ ହୋଇଥିଲା। ଏ ନେଇ ସ୍ୱାସ୍ଥ୍ୟ ବିଭାଗ ସହ ଆଲୋଚନା କରାଯାଇ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ କହିଥିଲେ।

### ଜିଲାପାଳଙ୍କ ଜନଶୁଣାଣି ଫନୀକୁ ନେଇ ସର୍ବାଧିକ ଅଭିଯୋଗ

**ପୁରୀ ଅଫିସ, ୩୦।୯:** ବାତ୍ୟା ଫନୀକୁ ୫ମାସ ବିତିବାକୁ ବସିଲାଣି ହେଲେ ଏବେ ବି କ୍ଷତିଗ୍ରସ୍ତ ବିଭିନ୍ନ ପ୍ରକାର ସାହାଯ୍ୟ ଓ ସହାୟତା ଆଶାରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସୁଛନ୍ତି। କେଉଁ ଗାଁର ରାସ୍ତା ନଷ୍ଟ ହୋଇଯାଇଛି ତ ଆଉ କେଉଁଠିକୁ ବିଦ୍ୟୁତ୍ ଶତ ପ୍ରତିଶତ ଭାବେ ସ୍ୱାଭାବିକ ହୋଇ ପାରିନାହିଁ। ପୁଣି କାହାକୁ ସହାୟତା ରାଶି ମିଳିନାହିଁ। ଆଉ କେହି ଏବେ ବି ଦୟନୀୟ ସ୍ଥିତିରେ ରହୁଛନ୍ତି। ସୋମବାର ଜିଲାପାଳଙ୍କ ଜନ ଶୁଣାଣିରେ ଏଭଳି ଅନେକ ଅଭିଯୋଗ କରିଛନ୍ତି ଲୋକେ। ଫନୀ ସଂକ୍ରାନ୍ତ ସର୍ବାଧିକ ଅଭିଯୋଗ ହୋଇଥିବା ଜଣାପଡ଼ିଛି। ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁଙ୍କ କାର୍ଯ୍ୟାଳୟ ପରିସରରେ ଏହି ଜନ ଶୁଣାଣି ହୋଇଥିଲା। ଜିଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ଲୋକେ ସେମାନଙ୍କ ସମସ୍ୟା ଜଣାଇଥିଲେ। ପୁରୀ ସଦର ବ୍ଲକ ଅଧୀନ ଭାଇଲିପୁର ପଞ୍ଚାୟତର ଅନ୍ତିକେରା ଗ୍ରାମବାସୀ ରାସ୍ତା ସମସ୍ୟା ଜଣାଇଥିଲେ।

■ ଅସରଳା ପ୍ରାଥମିକ କୃଷି ସମବାୟ ସମିତି ସମ୍ମୁଖରେ ଚାଷୀଙ୍କ ଗଣଧାରଣା

# ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ

**ବୋଲଗଡ,୩୦।୯(ଡି.ଏନ.ଏ.)**

ବୋଲଗଡ ବ୍ଲକ ଅସରଳାସ୍ଥିତ ପ୍ରାଥମିକ କୃଷି ସେବା ସମବାୟ ସମିତି ସମ୍ମୁଖରେ ସୋମବାର ତିତ୍‌ଲି ବାତ୍ୟାରେ କ୍ଷତିଗ୍ରସ୍ତଙ୍କୁ ଶସ୍ୟ ବୀମା ସହାୟତା ଦାବିରେ ୫୮ ଜଣ ଚାଷୀ ଧାରଣା ଦେଇଥିଲେ। ଅନିର୍ଦ୍ଦିଷ୍ଟ କାଳ ପାଇଁ ସେମାନେ ଧାରଣା ଦେଇଥିବାବେଳେ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ କର୍ତ୍ତୃପକ୍ଷ ଓ ଅନ୍ୟ ଅଧିକାରୀମାନେ ଧାରଣା ସ୍ଥଳରେ ପହଞ୍ଚି ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ପ୍ରକାଶ ଯେ,୨୦୧୮-୧୯ ମସିହାରେ ଉକ୍ତ ସମିତିରୁ ବାଙ୍କୋଇଦେଶ ପଞ୍ଚାୟତର ସହଜପୁର,ବାରବାଟି ଏବଂ ବାରପାଟିଆ ୩ଟି ରାଜସ୍ୱ ମୌଜାର ୭୫ଜଣ ସଭ୍ୟ ଧାନଚାଷ ପାଇଁ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ଶସ୍ୟ ବୀମା କରିବା ସହିତ ଋଣ ନେଇଥିଲେ। ୨୦୧୮ ଅକ୍ଟୋବର ମାସରେ ହୋଇଥିବା ତିତ୍‌ଲି ବାତ୍ୟାରେ ବାଙ୍କୋଇଦେଶ ପଞ୍ଚାୟତ ଅଞ୍ଚଳରେ ଧାନ ଚାଷ ବ୍ୟାପକ କ୍ଷତିଗ୍ରସ୍ତ ହୋଇଥିଲା।

## ତିତ୍‌ଲି ବାତ୍ୟାରେ କ୍ଷତିପୂରଣ ପାଇଁ ଶସ୍ୟବୀମା ସହାୟତା ଦାବି



ଅସରଳା ସମବାୟ ସମିତି ସମ୍ମୁଖରେ ଚାଷୀମାନେ ଧାରଣାରେ ବସିଛନ୍ତି।

ଫଳରେ ସରକାରଙ୍କ ପକ୍ଷରୁ ତିତ୍‌ଲି ବାତ୍ୟା ଜନିତ କ୍ଷତିପୂରଣ ପାଇଁ ସର୍ଭେ କରାଯାଇ ବାଙ୍କୋଇଦେଶ ପାଇଁ ୫୦.୫ପ୍ରତିଶତ ବୀମା ସହାୟତା ଯୋଗାଇ ଦିଆଯିବାକୁ ଘୋଷଣା କରାଯାଇଥିଲା । ମାତ୍ର ଏହି ସମବାୟ ସମିତିରେ ବାଙ୍କୋଇଦେଶ ପଞ୍ଚାୟତର ଉପରୋକ୍ତ ୩ଟି ମୌଜାର ୭୫ଜଣ ଚାଷୀଙ୍କ ମଧ୍ୟରୁ ୫୮ଜଣ ଚାଷୀ ଶସ୍ୟ ବୀମା କରି ମଧ୍ୟ କ୍ଷତିପୂରଣ ସହୟତା ପାଇବାରୁ ବଞ୍ଚିତ ହୋଇଛନ୍ତି। ଫଳରେ ଶସ୍ୟବୀମା ସହାୟତା ପାଇ ନ ଥିବା ୫୮ଜଣ ଚାଷୀ ସମବାୟ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଜଣାଇ ଥିଲେ ମଧ୍ୟ ନିରାଶ ହୋଇଥିଲେ । ପରେ ସେମାନେ ସୋମବାର ବୋଲଗଡ ବ୍ଲକ କାର୍ଯ୍ୟାଳୟ ଠାରେ ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣୀ ଶିବିରରେ ଅଭିଯୋଗ କରିଥିଲେ। ତଥାପି ଚାଷୀମାନଙ୍କୁ ଶସ୍ୟବୀମା କ୍ଷତିପୂରଣ ସହାୟତା ମିଳିପାରି ନାହିଁ । ଶସ୍ୟବୀମା କ୍ଷତିପୂରଣ ନ ମିଳିବା ଯାଏଁ ଧାରଣାରେ ବସିରହିବୁ ବୋଲି ବିଶ୍ୱନାଥ ମାର୍ଥା,ଅନିଲ କୁମାର ପ୍ରଧାନ, ବୈକୁଣ୍ଠ ପଣ୍ଡା,ସିଦ୍ଧେଶ୍ୱର ବିଶ୍ୱାଳ, ଅକ୍ଷୟ ପ୍ରତାପସିଂହ, ଭୀମସେନ ମଙ୍ଗରାଜ ପ୍ରମୁଖ ଚାଷୀମାନେ କହିଥିଲେ। ଏ ସଂକ୍ରାନ୍ତରେ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ରାଜସୁନାଖଳା ସ୍ଥିତ ବୋଲଗଡ ଶାଖା ପରିଚାଳକ ରାକେଶ କୁମାର ପାଇକରାୟ କୁହନ୍ତି ବିଭିନ୍ନ ତ୍ରୁଟି କାରଣରୁ ୫୮ଜଣଙ୍କ ବୀମା ସହୟତା ରାଶି ଆସିପାରିନାହିଁ । ଏଥିପାଇଁ ଆମେ ବ୍ୟାଙ୍କ ପକ୍ଷରୁ ସରକାର ଏବଂ ବୀମା କମ୍ପାନୀଙ୍କୁ ଅବଗତ କରାଇଛୁ । ଏହି ସମାସ୍ୟ ଖୁବ ଶିଘ୍ର ସମାଧାନ କରାଯିବା ପାଇଁ ଆମେ ଚେଷ୍ଟା କରୁଛୁ ବୋଲି ସେ କହିଥିଲେ। ଅନ୍ୟପକ୍ଷେ ରାତି ପ୍ରାୟ ସାଢେ ୯ଟାରେ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଡାଇରେକ୍ଟର ପ୍ରଫୁଲ୍ଲ କୁମାର ପ୍ରଧାନ, ଡିଜିଏମ ସାରଥ ଶତପଥୀ ଓ ଏଆରସିଏସ ଉମାଶଙ୍କର ଦାସ ଧାରଣାସ୍ଥଳରେ ପହଞ୍ଚି ଧାରଣାରତ ଚାଷୀମାନଙ୍କୁ ବୁଝାସୁଝା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

### ଏସିଡ୍ ମାଡ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

**ଦଶପଲ୍ଲା,୩୦।୯ (ଡି.ଏନ.ଏ.)**

ନାରୀ ମାନଙ୍କ ଉପରେ ଏସିଡ୍ ମାଡ ହେଲେ ସେମାନେ କିଭଳି ଏହାର ସାମ୍ନା କରିବା ସହ ଆଇନର ଆଶ୍ରୟ ନେଇ ପାରିବେ ସେ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଦଶପଲ୍ଲା ବିଚାର ବିଭାଗୀୟ ଅଦାଲତ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଦଶପଲ୍ଲା ବ୍ଲକ ଅନ୍ତର୍ଗତ ତମନ୍ନା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମେତ ବି.ଏସ୍ କଲେଜ, କୃଷ୍ଣପ୍ରିୟା ଦେବୀ ମହିଳା ମହାବିଦ୍ୟାଳୟ, ମଣିନାଗ ବହୁମୁଖୀ ମହାବିଦ୍ୟାଳୟ ଏବଂ ଆଡକଟା ମହାବିଦ୍ୟାଳୟର ଛାତ୍ରୀଛାତ୍ର ମାନେ ଏସିଡ୍ ମାଡ ପ୍ରସଙ୍ଗକୁ ନାଟକ ମାଧ୍ୟମରେ ଅଭିନୟ କରି ସଚେତନତା କରାଇଥିଲେ। ଏସିଡ୍ ମାଡ ହେଲେ ପିଡିତାଙ୍କୁ କିଭଳି ଆଇନର ସହାୟତା, ସୁରକ୍ଷା ଏବଂ ଥଇଥାନ ବ୍ୟବସ୍ଥା କରାଯାଇ ପାରିବ ସେ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା। ତାଲୁକ ଆଇନ ସେବା କମିଟି ଅଧ୍ୟକ୍ଷ ତଥା ଜେଏମ୍‌ଏଫ୍‌ସି ମିର୍ଜା ଆସ୍‌ଲାମ୍ ବେଗ୍ ଛାତ୍ରୀଛାତ୍ରଙ୍କ ଏଭଳି ସଚେତନତା ଧର୍ମି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ଶୈଳେନ୍ଦ୍ର ଦେଓ, ସୁଶାନ୍ତ କୁମାର ପାତ୍ର, ଦିଲ୍ଲୀପ କୁମାର ପଣ୍ଡା, ବିରଞ୍ଚିପ୍ରସାଦ ସାହୁ, ବୀରେନ୍ଦ୍ର ନାଥ ନାୟକ ଏବଂ ସିଏଏସ୍‌ଆଇ ରାଜେନ୍ଦ୍ର କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

■ ଶିକ୍ଷକ ବଦଳି ବାତିଲ ଦାବି

# ବିଇଓ ଅଫିସ ଘେରିଲେ ଗ୍ରାମବାସୀ



ବିଇଓ କାର୍ଯ୍ୟାଳୟ ସମ୍ମୁଖରେ ଗ୍ରାମବାସୀଙ୍କ ଧାରଣା ।

**ବୋଲଗଡ,୩୦।୯(ଡି.ଏନ.ଏ.)**

ବୋଲଗଡ ବ୍ଲକ ଦଳେଇସାହିସ୍ଥିତ ଉର୍ଦ୍ଦୁ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୨ଜଣ ଶିକ୍ଷକଙ୍କ ବଦଳି ବାତିଲ ଦାବିରେ ସୋମବାର ଗ୍ରାମବାସୀ ବୋଲଗଡ ବିଇଓ କାର୍ଯ୍ୟାଳୟ ଘେରାଉ କରିଥିଲେ। ଏଥିସହ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ।

ପ୍ରକାଶ ଯେ, ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନେ ପାଠ ପଢୁଛନ୍ତି। ଅଷ୍ଟମ ଶ୍ରେଣୀ ପାଇଁ ଶିକ୍ଷାଦାନ କରୁଥିବା ବିଜ୍ଞାନ ଶିକ୍ଷକ ଚିତ୍ତରଞ୍ଜନ ସାହୁ ଏବଂ କଳା ଶିକ୍ଷକ ଭାସ୍କର ଚନ୍ଦ୍ର ଦାଶଙ୍କୁ ଅନ୍ୟତ୍ର ବଦଳି କରାଯାଇଛି । ତେବେ ପୂର୍ବରୁ ବିଦ୍ୟାଳୟରେ ଜଣେ ଉର୍ଦ୍ଦୁ ଶିକ୍ଷକ ଥିବା ବେଳେ ବଦଳି ହୋଇଥିବା ୨ ଶିକ୍ଷକଙ୍କ ସ୍ଥାନରେ ଆଉଜଣେ ଉର୍ଦ୍ଦୁ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି। ଏହାର ପ୍ରତିବାଦ ତଥା ୨ଶିକ୍ଷକଙ୍କ ବଦଳି ବାତିଲ ଦାବିରେ ଗ୍ରାମବାସୀ ବିଇଓଙ୍କ କାର୍ଯ୍ୟାଳୟ ଠାରେ ଧାରଣା ଦେଇଥିଲେ।

### ଜନତା କଲେଜ ଓଡ଼ିଆ ବିଭାଗର ସ୍ୱାଗତ ଉତ୍ସବ

**ଟାଙ୍ଗୀ(ଖୋର୍ଦ୍ଧା),୩୦।୯(ଡି.ଏନ.ଏ.)**

କୁହୁଡି ଜନତା ମହାବିଦ୍ୟାଳୟର ଓଡିଆ ଭାଷା ଓ ସାହିତ୍ୟ ବିଭାଗର ସ୍ୱାଗତ ଉତ୍ସବ ସୋମବାର ଅଧ୍ୟକ୍ଷ ଡ. ସଞ୍ଜୟ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଶ୍ରୀ ଜଗନ୍ନାଥଙ୍କ ବିଗ୍ରହରେ ପୁଷ୍ପମାଲ୍ୟ, ଦୀପ ପ୍ରଜ୍ୱଳନ ଓ ବେଦପାଠ କରାଯାଇଥିଲା। ଫୁଲ ଚନ୍ଦନ, ଧୂପଦୀପ ସହ ପାରମ୍ପରିକ ରୀତିରେ ଓଡିଆ ସମ୍ମାନର ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ଜଣାଇବା ପରେ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା । ଡ. ଚନ୍ଦ୍ରଶେଖର ଦାସ, ପ୍ରାଧାପକ ଉତ୍ତମ କୁମାର ପାଇକରାୟ, ଡିଗ୍ରୀ କଲେଜ ଅଧ୍ୟକ୍ଷ ଟୁକୁନା ପ୍ରଧାନ, ଅଧାପିକା ନଳିନୀପ୍ରଭା ରାଉତ, ଅଧାପକ ଅନୀଲ କୁମାର ସୁବୁଦ୍ଧି ପ୍ରମୁଖ ଶିକ୍ଷାର୍ଥୀ ଜୀବନରେ ଶିକ୍ଷାକୁ ତପସ୍ୟା ଭାବରେ ଗ୍ରହଣ କରିବା ପାଇଁ ଉଦ୍‌ବୋଧନ ଦେଇଥିଲେ। ଅଧାପିକା ରଶ୍ମିତା ବରାଳ ଧନ୍ୟବାଦ ଦେଇଥିଲେ ।

# ଅଭିଯୋଗ ଶୁଣାଣି ଶିବିର

**ଖଣ୍ଡପଡ଼ା,୩୦।୯(ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ ସମ୍ମିଳନୀ ପ୍ରକୋଷ୍ଠରେ ସୋମବାର ଜିଲା ପ୍ରଶାସନ ପକ୍ଷରୁ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ପ୍ରମୋଦ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ନୟାଗଡ଼ ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ ପ୍ରକଳ୍ପ ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଜନସାଧାରଣଙ୍କ ଅଭିଯୋଗ ଶୁଣିଥିଲେ। ବ୍ଲକ ଅଧୀନ ୨୨ ପଞ୍ଚାୟତରୁ ମୋଟ ୨୫୦ ଅଭିଯୋଗପତ୍ର ଗ୍ରହଣ କରାଯାଇଥିଲା। ବିଶେଷ କରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଜୁ ପକ୍କାଘର ଯୋଜନା, ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରୁ ବାଦ୍ ପଡିଥିବା ହିତାଧିକାରୀଙ୍କଠାରୁ ବହୁ ଅଭିଯୋଗପତ୍ର ଗ୍ରହଣ କରାଯାଇଥିଲା। ମଧୁବାବୁ ପେନସନ୍ ଯୋଜନା, ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମ ବ୍ୟକ୍ତିମାନେ ଭତ୍ତା ପାଇବା ନିମନ୍ତେ ଆବେଦନପତ୍ର ଦାଖଲ କରିଥିଲେ। ସ୍ୱଚ୍ଛ ଭାରତ ମିଶନରେ ପ୍ରତ୍ୟେକ ପଞ୍ଚାୟତରେ ପାଇଖାନା ନିର୍ମାଣରେ ଅଗ୍ରଗତି ନେଇ ବିଭାଗୀୟ ଅଧିକାରୀ ମତ ରଖିଥିଲେ । ଶିବିରରେ ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ପ୍ରଧାନ, ନୟାଗଡ଼ ଏସ୍‌ପି ଶଶିଭୂଷଣ ଶତପଥୀ, ଜିଲା କୃଷି ଅଧିକାରୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ପ୍ରକଳ୍ପ ନିର୍ଦ୍ଦେଶକ ଜନସାଧାରଣଙ୍କ ଅଭିଯୋଗ ଶୁଣିବା ସହ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବ୍ଲକର ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଶିବିରରେ ନୂତନ ଜିଲାପାଳ ଅନୁପସ୍ଥିତ ରହିଥିବାରୁ ଅଭିଯୋଗକାରୀଙ୍କ ମଧ୍ୟରେ ନୈରାଶ୍ୟ ଭାବ ଦେଖାଦେଇଥିଲା। ବ୍ଲକ ଜିପିଓ ଗୋବିନ୍ଦ ଚନ୍ଦ୍ର ଦାସଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।



ଶିବିରରେ ଲୋକଙ୍କ ଅଭିଯୋଗ ଗ୍ରହଣ କରାଯାଉଛି।

# ଲଗାଣ ବର୍ଷାରେ ଭାଙ୍ଗିଲା ଘର

**ଗଣିଆ,୩୦।୯(ଡି.ଏନ.ଏ.)**

ଗତ ୪ଦିନ ଧରି ଲଗାଣ ବର୍ଷା ପ୍ରଭାବରେ ଗଣିଆ ତହସିଲ ଅନ୍ତର୍ଗତ ଗଣିଆ ଗ୍ରାମ ଥୋଡିଆସାହିର ମୁକୁନ୍ଦ ଚନ୍ଦ୍ର ସାହୁଙ୍କ ଘର ଭାଙ୍ଗିଯାଇଛି। ଏହାସହ କାନ୍ଥ ଭୁଶୁଡିପଡିବାରୁ ଏହାକୁ ଲାଗିଥିବା ଅନ୍ୟ ବଖରାଏ ଘରର ଚାଳ ନଇଁ ପଡି ବିପଦସଙ୍କୁଳ ହୋଇପଡିଛି । ଫଳରେ ମୁକୁନ୍ଦଙ୍କ ପରିବାର ୨ଦିନ ଧରି ବହୁ ଅସୁବିଧାରେ ଚଳୁଛନ୍ତି। ସୋମବାର ଗଣିଆ ରାଜସ୍ୱ ନିରୀକ୍ଷକ ପ୍ରଶାନ୍ତ କୁମାର ନାୟକ ଘଟଣାସ୍ଥଳ ପରିଦର୍ଶନ କରି ଏ ସମ୍ପର୍କରେ ଗଣିଆ ତହସିଲଦାରଙ୍କୁ ରିପୋର୍ଟ ପ୍ରଦାନ କରିଛନ୍ତି। ଖୁବ୍‌ଶୀଘ୍ର କ୍ଷତିଗ୍ରସ୍ତଙ୍କୁ ଜରିପାଲ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ ପୂର୍ବରୁ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା ଘର ଭାଙ୍ଗିଗଲେ ସରକାରଙ୍କ ତରଫରୁ କ୍ଷତିପୂରଣ ସହାୟତା ରାଶି ମିଳୁଥିଲା । ତେବେ ଗତ କିଛିବର୍ଷ ଧରି ଏଭଳି ପରିସ୍ଥିତିର ସମ୍ମୁଖୀନ ହେଉଥିବା ବିପନ୍ନମାନଙ୍କୁ ସରକାରଙ୍କ ତରଫରୁ ସହାୟତା ରାଶି ମିଳୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି ।


ରାଜସ୍ୱ ନିରୀକ୍ଷକ ଭାଙ୍ଗିଯାଇଥିବା ଘର ଦେଖୁଛନ୍ତି।

# ବିଜେଡିର କାର୍ଯ୍ୟକାରିଣୀ ବୈଠକ

**ଦଶପଲ୍ଲା,୩୦।୯(ଡି.ଏନ.ଏ.)**

ସୋମବାର ଦଶପଲ୍ଲା ନେତାଜୀ ମଇଦାନଠାରେ ଦଶପଲ୍ଲା ନିର୍ବାଚନ ମଣ୍ଡଳୀସ୍ତରୀୟ ବିଜେଡିର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଜିଲା ବିଜେଡି ସଭାପତି ରବି ନାରାୟଣ ମହାପାତ୍ର ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଓଡ଼ିଶା ଆଜି ଶ୍ରେଷ୍ଠ ରାଜ୍ୟ ରୂପେ ପରିଗଣିତ ହୋଇଥିବା ମତବ୍ୟକ୍ତ କରିଥିଲେ। ମୁଖ୍ୟନ୍ତ୍ରୀଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନା ଯେପରି ଲୋକଙ୍କ ପାଖରେ ପହଞ୍ଚି ପାରିବ ସେଥିପାଇଁ କର୍ମୀମାନେ ସଚେତନ ହେବାକୁ ଆହ୍ୱାନ କରିଥିଲେ। କର୍ମୀମାନଙ୍କ ମଧ୍ୟରେ ଏକତା ଏବଂ ସ୍ୱଚ୍ଛତା ରହିବା ପାଇଁ ସେ ପରାମର୍ଶ ଦେଇଥିଲେ। ବୈଠକରେ ବିଧାୟକ ରମେଶ ଚନ୍ଦ୍ର ବେହେରା ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କରାଯାଇଥିବା ବିଭିନ୍ନ ଉନ୍ନୟନ ମୂଳକ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଉତ୍ସବରେ ବହୁ ସଂଖ୍ୟାରେ ମହିଳା ପୁରୁଷ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏନ୍‌ଏସି ଅଧ୍ୟକ୍ଷା ବବିତା ସାହୁ, ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁ, ଜିଲା ବିଜେଡି କର୍ମକର୍ତ୍ତା ଏବଂ ବ୍ଲକ କର୍ମକର୍ତ୍ତାମାନେ ଉଦ୍‌ବୋଧନ ଦେଇଥିଲେ। ଦଶପଲ୍ଲା, ଗଣିଆ ଏବଂ ନୂଆଗାଁ ବ୍ଲକର ବହୁ ବିଜେଡି କର୍ମୀ ଏବଂ ଜନସାଧାରଣ ଯୋଗଦେଇଥିଲେ। ବିଜେଡି କର୍ମୀ ଦିଲୀପ କୁମାର ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପୂବତନ ବ୍ଲକ ଚେୟାରମ୍ୟାନ ଉପେନ୍ଦ୍ର କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା।



ବୈଠକରେ ଉପସ୍ଥିତ ବରିଷ୍ଠ ବିଜେଡି କର୍ମକର୍ତ୍ତା।

### ଆଇନ ସଚେତନତା ଶିବିର

**ପୁରୀ ଅଫିସ, ୩୦।୯**

ନୀଳାଚଳ ନାରାୟଣ ସଂସ୍କୃତ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ଏବଂ ଜିଲା ଆଇନସେବା ପ୍ରାଧିକରଣ ମିଳିତ ଆନୁକୂଲ୍ୟରେ ସୋମବାର ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ଶିବିରରେ ଅଧ୍ୟକ୍ଷା ଡ. ମୀରାରାଣୀ ଖଣ୍ଡୁଆଳ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଆଇନ ସେବା ପ୍ରାଧିକରଣ ସଚିବ ତଥା ସିଭିଲ ଜଜ୍ ଅମରେଶ ମହାପାତ୍ର ଯୋଗଦେଇ ବିଭିନ୍ନ ଆଇନ ସମ୍ପର୍କରେ ବୁଝାଇଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଡ. ବସନ୍ତ କୁମାର ମିଶ୍ର, ସାହିତ୍ୟିକ ଡ. ବଳରାମ ଦାଶ, ଡ. ସୁଜିତ କୁମାର ମହାପାତ୍ର, ରାମଚନ୍ଦ୍ର ମିଶ୍ର, ଡ. ବଂଶୀଧର ପ୍ରଧାନ, ଉମାଶଙ୍କର ପାତ୍ର ପ୍ରମୁଖ ଯୋଗଦେଇଥିଲେ। ଅଧାପିକା ଉଷାରାଣୀ ଦାସ, ଅନନ୍ତ ନାରାୟଣ ମିଶ୍ର, ବିଭୂତି ଭୂଷଣ ପ୍ରଧାନ, ଶ୍ରୀନିବାସ ସାହୁ, ନିକୁଞ୍ଜ କିଶୋର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

■ ମହିଳା ମହାବିଦ୍ୟାଳୟ ପ୍ରତିଷ୍ଠାତା ଅଧ୍ୟକ୍ଷଙ୍କ ଶ୍ରଦ୍ଧାଞ୍ଜଳି ସଭା

# ସେ ଥିଲେ ପ୍ରେରଣାର ଉତ୍ସ



ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ଅତିଥିମାନେ।

**ଖଣ୍ଡପଡ଼ା,୩୦।୯(ସ୍ୱ.ପ୍ର.)**

ସେ ଥିଲେ ପ୍ରେରଣାର ଉତ୍ସ। ତାଙ୍କ ବିୟୋଗ ଏକ ଅପୂରଣୀୟ କ୍ଷତି। ଖଣ୍ଡପଡ଼ା ମହିଳା ମହାବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ପ୍ରଫୁଲ୍ଲ ଚନ୍ଦ୍ର ଦାଶଙ୍କ ଦ୍ୱାଦଶାହ ତିଥିରେ ସୋମବାର କଲେଜ ପରିସରରେ ଆୟୋଜିତ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭାରେ ୬୬୨ ବର୍ଗ ମହାବିଦ୍ୟାଳୟ ସଂଘର ସଭାପତି ଗୋଲକ ନାୟକ ଯୋଗଦେଇ ଏହି ମତପ୍ରକାଶ କରିଥିଲେ। ପ୍ରାକ୍ତନ ନଗରପାଳ କିଶୋର ଚନ୍ଦ୍ର ଦାଶ ପୌରୋହିତ୍ୟ କରିଥିବାବେଳେ ପ୍ରତିଷ୍ଠାତା ସମ୍ପାଦକ ଗିରିଜା ଶଙ୍କର ତରାସିଆ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରଥମେ ଅତିଥିମାନେ ମହାବିଦ୍ୟାଳୟ ପରିସରରେ ଥିବା ପ୍ରତିଷ୍ଠାତା ସଭାପତି ସ୍ୱର୍ଗତ ଅରୁଣ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତି ନିକଟରେ ପ୍ରଦୀପ ପ୍ରଜ୍ୱଳନ ଓ ସ୍ୱର୍ଗତ ଦାସଙ୍କ ଫଟୋଚିତ୍ରରେ ଶ୍ରଦ୍ଧା ସୁମନ ଜ୍ଞାପନ କରାଯାଇଥିଲା। ଯୁକ୍ତ ୨ ଅଧ୍ୟକ୍ଷା ସ୍ମିତା ଶେଫାଳୀ ମହାପାତ୍ର, ଯୁକ୍ତ ୩ ଅଧ୍ୟକ୍ଷା ଲିପିକା ମହାନ୍ତି ଓ ଛାତ୍ରୀ ରୁପାଲୀ ବେହେରା ସ୍ୱାଗତ ଭାଷଣ ଦେଇଥିଲେ । ୬୬୨ ବର୍ଗ ସଂଘ ସମ୍ପାଦକ ସତାପ ଉଦ୍ଦିନ୍ ଅହମ୍ମଦ, ଡ. ଗଗନ ବେଉରା, ଉପସଭାପତି ଅଶୋକ ପୁରୋହିତ, ଜ୍ୟୋତ୍ସ୍ନାରାଣୀ ବସ୍ତିଆ, ଡ. ତପନ ଜେନା, ଅଧ୍ୟକ୍ଷ ଅଶୋକ ନାୟକ, ଖବରଦାତା ଏସ୍.ଏ. ମନାନ, ପ୍ରଭାକର ଶିରୋମଣି, ଅଧ୍ୟକ୍ଷ କଲ୍ୟାଣ ପଣ୍ଡା, ଭିକାରୀ ମହମ୍ମଦ ଓ ଜିଲା ସମ୍ପାଦକ ସରୋଜ ରଥ ଯୋଗଦେଇ ତାଙ୍କ ସ୍ମୃତିଚାରଣ କରିଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧ ଅକ୍ଟୋବର, ୨୦୧୯



ବିଧାତାଙ୍କର ଶୃଙ୍ଖଳା ଭାଙ୍ଗିଲେ ଜ୍ୱାଳା ବଢ଼ିବ ସିନା କମିବ ନାହିଁ। ଯେପରି କଏଦୀ ଜେଲ୍ ଭାଙ୍ଗି ବାହାରିଗଲେ ନିସ୍ତାର ପାଏନି ବରଂ ଦଣ୍ଡ ବୃଦ୍ଧି ହୋଇଥାଏ।
- ସ୍ୱାମୀ ନିଗମାନନ୍ଦ



## ସଂକ୍ଷେପରେ

### ଗାଡ଼ି ଚକାତଳେ ପଡ଼ି ଯୁବକଙ୍କ ମୃତ୍ୟୁ

ନୂଆଗାଁ,୩୦।୯ (ଡି.ଏନ.ଏ.): ନୟାଗଡ଼ ଜିଲା ନୂଆଗାଁ ଥାନା ନୂଆଗାଁ ଡାକ୍ତରଖାନା ସମ୍ମୁଖରେ ସୋମବାର ଗାଡି ଚକା ତଳେ ପଡିଯାଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନୂଆଗାଁ ନୂଆପଲ୍ଲୀ ସାହିର ଭରତ ନାୟକଙ୍କ ପୁଅ ପଞ୍ଚାନନ ନାୟକ (୩୩)। ପୂର୍ବାହ୍ନରେ ପଞ୍ଚାନନ ଦୋକାନରୁ ଚିକେନ ଆଣିବା ପାଇଁ ସ୍ଥାନୀୟ ଜଣେ ଯୁବକଙ୍କ ବାଇକ୍‌ରେ ମୁଦୁରାଙ୍ଗ ଯାଇଥିଲେ । ସେଠାରୁ ଫେରୁଥିବା ସମୟରେ ପଛପଟୁ ଅନ୍ୟ ଏକ ବାଇକ୍ ଆସି ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ପଛରେ ବସିଥିବା ପଞ୍ଚାନନ ଛିଟିକି ନୟାଗଡ଼ରୁ ଦଶପଲ୍ଲା ଯାଉଥିବା ଏକ ଭିଲେଜର (ଓଆର୦୨ଏଫ୫୫୨୫) ଚକା ତଳେ ପଡିଥିଲେ। ଗାଡ଼ିଟି ତାଙ୍କ ମୁଣ୍ଡ ଉପରେ ଚଢି ଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ସ୍ଥାନୀୟ ଲୋକେ ଦମକଳବାହିନୀ ଯୋଗେ ନୟାଗଡ ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ୩୦ଲିଟର ମଦ ଜବତ, ଜଣେ ଗିରଫ



ରଣପୁର, ୩୦।୯ (ସ୍ୱ.ପ୍ର.): ନୟାଗଡ ଜିଲା ଚାନ୍ଦପୁର ଥାନା ପୋଲିସ ସୋମବାର ୩୦ ଲିଟର ଦେଶୀ ମଦ (ଆସ୍କାଫର୍ଟି) ଜବତ କରିବା ସହିତ ଜଣଙ୍କୁ ଗିରଫ କରିଛି। ସେ ହେଲେ ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଗ୍ରାମର ରାଜୀବ ନାହାକ (୩୦)। ରାଜୀବ ଚାନ୍ଦପୁର ଅଞ୍ଚଳକୁ ୧୫୦ ବୋତଲ (୩୦ ଲିଟର) ଦେଶୀ ମଦ ବିକ୍ରି କରିବା ପାଇଁ ଯାଉଥିଲେ। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଚାନ୍ଦପୁର ଥାନା ଅଧିକାରୀ ଧନେଶ୍ୱର ନାୟକ, ଏସ୍‌ଆଇ ଏସ.ଏସ. ହିରୋ ଓ ରବୀନ୍ଦ୍ର ପ୍ରଧାନ ପ୍ରମୁଖ ଚାନ୍ଦପୁର ବଜାରରୁ ରାଜୀବଙ୍କୁ ଧରି ତାଙ୍କଠାରୁ ମଦ ଜବତ କରିଥିଲେ। ଏ ନେଇ ଥାନାରେ ୯୫/୧୯ରେ ଏକ ମାମଲା ରୁଜୁ ହୋଇଛି।

### ଚନ୍ଦ୍ରଗନ୍ତା ବେଶରେ ଦର୍ଶନ ଦେଲେ ମା’ଉଗ୍ରତାରା

ନିରାକାରପୁର,୩୦।୯(ଡି.ଏନ୍.ଏ.): ସ୍ଥାନୀୟ ଭୁଷଣ୍ଡପୁରସ୍ଥିତ ମା’ ଉଗ୍ରତାରାଙ୍କ ଶକ୍ତିପୀଠରେ ଆରମ୍ଭ ହୋଇଛି ପାର୍ବଣ। ସୋମବାର ପାର୍ବଣର ତୃତୀୟା ତିଥିରେ ମା’ଉଗ୍ରତାରା ଚନ୍ଦ୍ରଗନ୍ତା ବେଶରେ ଶ୍ରଦ୍ଧାଳୁ ଭକ୍ତଙ୍କୁ ଦର୍ଶନ ଦେଇଥିଲେ । ମା’ଙ୍କର ଏହି ବେଶ ଦେଖିବାକୁ ଶତାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା । ପ୍ରତ୍ୟୁଷରୁ ମା’ଉଗ୍ରତାରାଙ୍କୁ ଚୁଆ, କର୍ପୂର ମିଶା ଜଳରେ ମହାସ୍ନାନ କରାଯାଇ ନୂତନ ବସ୍ତ୍ର ପରିଧାନ କରାଯାଇଥିଲା। ମଙ୍ଗଳ ଆଳତି ପରେ ଶୁଖୁଲି ଭୋଗ ଓ ବିଭିନ୍ନ ଫଳମୂଳ ଭୋଗ ଲାଗି କରାଯାଇଥିଲା। ମଧ୍ୟାହ୍ନ ଧୂପରେ ଅନ୍ନଡାଲି ଖିରି, ଖଟା, ମାଛ ବେସର ଓ ମାଛ ପୋଡାବଳି ଅର୍ପଣ କରାଯାଇ ପଞ୍ଚମକାର ମନ୍ତ୍ରରେ ପୂଜାର୍ଚ୍ଚନା କରାଯାଇଥିବା ପୂଜକ ମନୋଜ କୁମାର ସାମନ୍ତରାୟ ସୂଚନା ଦେଇଛନ୍ତି ।

# ନୂଆଗାଁ ବ୍ଲକରେ ସାମାଜିକ ସମୀକ୍ଷା ପ୍ରହସନ

- ସହଯୋଗ କରୁନାହାନ୍ତି କର୍ମଚାରୀ
- ପ୍ରଚାରପ୍ରସାର ଅଭାବରୁ ବୈଠକରେ ଯୋଗଦେଇପାରୁ ନାହାନ୍ତି ଜବ୍‌କାର୍ଡଧାରୀ

ନୂଆଗାଁ,୩୦।୯ (ଡି.ଏନ.ଏ.)

ପ୍ରତି ଆର୍ଥିକ ବର୍ଷରେ ପଞ୍ଚାୟତ ସମିତି, ଗ୍ରାମ ପଞ୍ଚାୟତ ଓ ଅନ୍ୟାନ୍ୟ ବିଭାଗ ଦ୍ୱାରା ବିଭିନ୍ନ ଯୋଜନାରେ କାର୍ଯ୍ୟକାରୀ ହୋଇଥିବା ପ୍ରକଳ୍ପ ଗୁଡିକ ସାମାଜିକ ସମୀକ୍ଷା ମାଧ୍ୟମରେ ଲୋକାଭିମୁଖୀ କରାଇବା ବ୍ୟବସ୍ଥା ରହିଛି। ହେଲେ ନୟାଗଡ଼ ଜିଲା ନୂଆଗାଁ ବ୍ଲକରେ ଏହି ଦାୟିତ୍ୱରେ ଥିବା କେତେକ କର୍ମଚାରୀ ସହଯୋଗ କରୁ ନ ଥିବାରୁ ସାମାଜିକ ସମୀକ୍ଷା ପ୍ରହସନ ପାଲଟିଥିବା ଚର୍ଚ୍ଚା ହେଉଛି।

ପଞ୍ଚାୟତ ସମିତି, ଗ୍ରାମ ପଞ୍ଚାୟତ ଓ ଅନ୍ୟାନ୍ୟ ବିଭାଗ ଦ୍ୱାରା ଏମ୍‌ଜିଏନ୍‌ଆର୍‌ଇଜିଏସ୍, ଆବାସ ଯୋଜନାରେ ପ୍ରକଳ୍ପଗୁଡିକର କାର୍ଯ୍ୟକାରିତା ନେଇ ପ୍ରତିବର୍ଷ ସମୀକ୍ଷା କରାଯାଇଥାଏ । ଏହି ବୈଠକରେ କାର୍ଯ୍ୟ ହୋଇଛି କି ନାହିଁ, ନିୟୋଜିତ ଶ୍ରମିକ (ମଷ୍ଟରରୋଲରେ ଦର୍ଶିତ ଜବ୍ କାର୍ଡଧାରୀ) ଅଣକୁଶଳୀ କି ନୁହେଁ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟରେ ଜବ୍ କାର୍ଡଧାରୀ ଶ୍ରମିକ ନିୟୋଜିତ ହୋଇଛନ୍ତି କି ନାହିଁ, ମଷ୍ଟରରୋଲରେ ଦର୍ଶାଯାଇଥିବା ପ୍ରାପ୍ୟ ପରିମାଣ କାର୍ଯ୍ୟ ଦିବସ ଅନୁସାରେ ଠିକ୍ ଭାବରେ ପଇଠ ହୋଇଛି କି ନାହିଁ ତାହାର ସାମାଜିକ ସମୀକ୍ଷା କରାଯାଉଛି। ଏହାକୁ ସୁଚାରୁରୂପେ ତୁଲାଇବା ପାଇଁ





ନୂଆଗାଁ ବ୍ଲକ କାର୍ଯ୍ୟାଳୟ।

ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଆରଏସ୍, ଗ୍ରାମସାଥୀ, ଗ୍ରାମ ସାଧନା କର୍ମୀ, ପଞ୍ଚାୟତ ସାମାଜିକ ସମୀକ୍ଷକ ଓ ବ୍ଲକ ସ୍ତରର ଜଣେ ସ୍ୱାଧୀନ ପର୍ଯ୍ୟବେକ୍ଷକଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। କିନ୍ତୁ କୌଣସି କର୍ମଚାରୀ ସାମାଜିକ ସମୀକ୍ଷକଙ୍କୁ ସହଯୋଗ କରୁ ନ ଥିବା ଅଭିଯୋଗ ହେଉଛି। ସାମାଜିକ ସମୀକ୍ଷାର ନିୟାମାନୁସାରେ ପ୍ରତି କାର୍ଯ୍ୟର ସମୀକ୍ଷା ପାଇଁ ନିୟୋଜିତ କର୍ମଚାରୀ ସମସ୍ତ ନଥିପତ୍ର ସମୀକ୍ଷକଙ୍କ ନିକଟରେ କିମ୍ବା ପଞ୍ଚାୟତରେ ଦାଖଲ କରିବା କଥା । କିନ୍ତୁ ଏହା ଠିକ୍ ଭାବେ ହେଉନାହିଁ। ଏହାଛଡା ସମୀକ୍ଷା ବୈଠକକୁ ଜବ୍ କାର୍ଡଧାରୀ, ନିର୍ବାଚିତ ପ୍ରତିନିଧି, ଏସ୍‌ଏଚଜି ଗ୍ରୁପର ସଭ୍ୟାମାନେ ଉପସ୍ଥିତ ରହିବା ପାଇଁ ଗ୍ରାମରେ ଡେଙ୍ଗୁରା ଓ ନୋଟିସ ଦେବା ନିୟମ ରହିଥିବା ବେଳେ କୌଣସି ପଞ୍ଚାୟତରେ ତାହା କରାଯାଉ ନାହିଁ । ଫଳରେ କୌଣସି ଲୋକ ବୈଠକ ବିଷୟରେ ଜାଣି ନ ପାରି ଆସନ୍ତି ନାହିଁ। ଅନେକ ପଞ୍ଚାୟତରେ ଜବକାର୍ଡଧାରୀ ଶ୍ରମିକ କାର୍ଯ୍ୟ ନ କରି ମେଶିନ ମାଧ୍ୟମରେ କାର୍ଯ୍ୟ କରାଯାଇଥିଲେ ମଧ୍ୟ ସେମାନଙ୍କ ନାମରେ ଟଙ୍କା ଉଠାଣ କରାଯାଉଛି। କାମ କରି ନ ଥିବା କଥା ଶ୍ରମିକମାନେ ସ୍ୱୀକାର କରୁଥିବା ବେଳେ ସମୀକ୍ଷାରେ ମଧ୍ୟ ତାହା ଠିକ୍ ବୋଲି ଦର୍ଶାଯାଉଛି। ଅନେକ ପଞ୍ଚାୟତରେ ମୃତ ଲୋକଙ୍କ ନାମରେ ଭତ୍ତା ଦିଆଯାଉଥିବା ଅଭିଯୋଗ ହେଉଥିବାବେଳେ ପ୍ରମାଣ ପାଇଲେ ସମ୍ପୃକ୍ତ ଅଧିକାରୀଙ୍କ ପ୍ରତି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଏସ୍‌ଇଓ କହୁଥିଲେ ମଧ୍ୟ ସାମାଜିକ ସମୀକ୍ଷାରେ ତାହା ପ୍ରତିଫଳିତ ହେଉ ନାହିଁ। କୌଣସି କାର୍ଯ୍ୟ ଠିକ୍ ଭାବେ ହୋଇ ନ ଥିବା ସମୀକ୍ଷାରେ ଜଣାପଡିଲେ ସେଥିପାଇଁ ଜରିମାନା ଦେବାର ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ଅଧିକାରୀମାନେ ତାହା କରୁ ନ ଥିବା ଦେଖିବାକୁ ମିଳୁଛି। ସାମାଜିକ ସମୀକ୍ଷା ସମ୍ପର୍କରେ ସମୀକ୍ଷକ ସ୍ୱର୍ଣ୍ଣଲତା ଦଳବେହେରାଙ୍କୁ ପଚାରିବାରୁ ସେ କହିଥିଲେ, ସମୀକ୍ଷା କରିବା ପାଇଁ କୌଣସି କର୍ମଚାରୀଙ୍କ ସହଯୋଗ ମିଳୁନାହିଁ। ଅନେକ ଫାଇଲ ମଧ୍ୟ ଆମକୁ ଦିଆଯାଉନାହିଁ। ଆମେ କେବଳ କର୍ତ୍ତବ୍ୟ ପାଳନ କରୁଛୁ ବୋଲି ସେ କହିଛନ୍ତି। ଏହି ଅବ୍ୟବସ୍ଥା ବିଷୟରେ ନୂଆଗାଁ ବିଡିଓ ଶିରିୟାଲ ଶୁଭ୍ର ପଟେଲ କହନ୍ତି, ମୁଁ ସେପରି କିଛି ଅଭିଯୋଗ ପାଇନି, ଯଦି ସେମିତି କିଛି ହେଉଥିବ ସେଥିପ୍ରତି ଦୃଷ୍ଟି ଦେବି ବୋଲି ସେ କହିଛନ୍ତି।

# ଶାଗୁଆନ କାଠ, ଟ୍ରାକ୍ଟର ଜବତ: ଜଣେ ଗିରଫ

ନୟାଗଡ଼ ଅଫିସ,୩୦।୯

ନୟାଗଡ଼ ଜିଲା ଶରଣକୁଳ ଥାନା ଗୋଡିସାହି ବାଉଁଶିଆ ରାସ୍ତାରୁ ରବିବାର ରାତିରେ ବନବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୯ ଗୋଟି ଶାଗୁଆନ ଲଗ୍ ସହିତ ଏକ ଟ୍ରାକ୍ଟର ( ନଂ.ଓଆର ୨୫ ଏ ୧୨୮୭) ଜବତ କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ନୟାଗଡ଼ ଟାଉନ ଥାନା ଲେଙ୍କୁଡ଼ିପଡ଼ା ଗ୍ରାମର କାଠବେପାରୀ ନରୋତ୍ତମ ସ୍ୱାଇଁକୁ ଗିରଫ କରାଯାଇଛି। ମିଳିଥିବା ସୂଚନା ଅନୁସାରେ ନରୋତ୍ତମ ଏକ ଟ୍ରାକ୍ଟର ଯୋଗେ କାଠ ଧରି ଗୋଡିସାହିରୁ ଧୁସୁମାକୁ ଯାଇଥିଲେ। ଏହି ସମୟରେ ବିଶେଷସୂତ୍ରରୁ ଖବର ପାଇ ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ବନଖଣ୍ଡ ଅଧିକାରୀ ଧନରାଜ ଏଚଡି, ବନାଞ୍ଚଳ ଅଧିକାରୀ ଧନେଶ୍ୱର ରଥ, ବନପାଳ ଚନ୍ଦ୍ରମଣି ଡାକୁଆଙ୍କ ସମେତ ଜଙ୍ଗଲସୁରକ୍ଷା କର୍ମଚାରୀ ଚଢ଼ାଉରେ ସାମିଲ ଥିଲେ। ପରେ କାଠ ଓ ଟ୍ରାକ୍ଟରକୁ ଜବତ କରାଯାଇଥିଲା। ବେଆଇନ କାଠ ବ୍ୟବସାୟ ଅପରାଧରେ ନରୋତ୍ତମଙ୍କ ନାମରେ ଏକ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯିବ ବୋଲି ବନାଞ୍ଚଳ ଅଧିକାରୀ ରଥ ପ୍ରକାଶ କରିଛନ୍ତି। ଜବତ କାଠର ଆନୁମାନିକ ମୂଲ୍ୟ ଏକ ଲକ୍ଷ ଟଙ୍କା ହେବ ବୋଲି ସୂଚନା ମିଳିଛି।





ଜବତ ହୋଇଥିବା କାଠ ଓ ଟ୍ରାକ୍ଟର।

- ସରପଞ୍ଚ, ପିଇଓଙ୍କ ଅଣଦେଖା

# ଜିପିଓଙ୍କୁ ଅଭିଯୋଗ କଲେ ୱାର୍ଡସଭ୍ୟ

ନୂଆଗାଁ,୩୦।୯ (ଡି.ଏନ.ଏ.)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ କୋରଡା ପଞ୍ଚାୟତର ସରପଞ୍ଚ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ୱାର୍ଡ ସଭ୍ୟମାନଙ୍କୁ ଅଣଦେଖା କରୁଥିବା ନେଇ ସୋମବାର ନାଏବ ସରପଞ୍ଚଙ୍କ ସମେତ ୭ ୱାର୍ଡସଭ୍ୟ ଗ୍ରାମ ପଞ୍ଚାୟତ ଅଧିକାରୀ (ଜିପିଓ)ଙ୍କୁ ଭେଟି ଅଭିଯୋଗପତ୍ର ଦେଇଛନ୍ତି। ସେମାନଙ୍କ ଅଭିଯୋଗ ମୁତାବକ ପ୍ରତି ମାସରେ ପଞ୍ଚାୟତର ସମସ୍ତ ସଭ୍ୟାସଭ୍ୟ, ସରପଞ୍ଚ, କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଆରଏସ୍‌ଙ୍କୁ ନେଇ ବୈଠକ ବସି ଆଲୋଚନା କରିବାର ନିୟମ ରହିଛି। ହେଲେ କୋରଡା ପଞ୍ଚାୟତରେ ବୈଠକ କରାଯାଉ ନାହିଁ କି ଆୟବ୍ୟୟ ହିସାବ ଦିଆଯାଉ ନାହିଁ। ୱାର୍ଡ ସଭ୍ୟମାନେ ଏ ନେଇ ପିଇଓଙ୍କୁ ପଚାରିବାରୁ ସେ ଆଳ ଦେଖାଇ ସେମାନଙ୍କ କଥାକୁ ଏଡାଇ ଦେଉଛନ୍ତି। ଗତ ମାସ ୧୯ ତାରିଖରେ ହିସାବ ଦେବା ପାଇଁ କହି



ଜିପିଓଙ୍କୁ ଭେଟିବା ପାଇଁ ଆସିଥିବା ୱାର୍ଡ ସଭ୍ୟ।

ବୈଠକ ଡାକିଥିବା ବେଳେ ଉକ୍ତ ଦିନ ବ୍ଲକରେ ଖାତା ରହିଯାଇଛି କହି ଏଡାଇ ଦେଇଥିଲେ। ସେହିପରି ସୋମବାର ହିସାବ ମାଗିବାରୁ ସରପଞ୍ଚ ନାହାନ୍ତି, ମୁଁ କେମିତି ହିସାବ ଦେବି ବୋଲି କହିଥିଲେ। ଏ ବିଷୟରେ କୋରଡା ପିଇଓ ଗୀତା ନାୟକ କହନ୍ତି, ମୁଁ ହିସାବ ଦେବା ପାଇଁ ରାଜି ଅଛି, କିନ୍ତୁ ସରପଞ୍ଚଙ୍କ ଅନୁପସ୍ଥିତି ଯୋଗୁ ଦେଇପାରୁ ନାହିଁ। ସରପଞ୍ଚ ଗୋଲାପ ନାୟକ ଦେହ ଭଲ ନ ଥିବା ହେତୁ ଆସିପାରି ନ ଥିବା କହିଛନ୍ତି। ଅନ୍ୟପକ୍ଷରେ ୱାର୍ଡ ସଭ୍ୟ ଜିପିଓଙ୍କୁ ଭେଟିବା ବିଷୟରେ ସରପଞ୍ଚ ଜାଣିବା ପରେ ସେମାନଙ୍କୁ ପଞ୍ଚାୟତକୁ ଡାକି ହିସାବ ଦେଇଥିବା କହିଛନ୍ତି ନାଏବ ସରପଞ୍ଚ ପ୍ରଶାନ୍ତ କୁମାର ଚମ୍ପତି।

# କାଠି ଦିଅଁ ଭାବେ ମା’ଭଗବତୀଙ୍କ ଗ୍ରାମ୍ୟ ପରିକ୍ରମା

ନିରାକାରପୁର,୩୦।୯(ଡି.ଏନ୍.ଏ.)

ପବିତ୍ର ପାର୍ବଣ ଅବସରରେ ଖୋର୍ଦ୍ଧା ଜିଲା ଗୋଳବାଇର ଅଧିଷ୍ଠାତ୍ରୀ ଦେବୀ ମା’ଭଗବତୀ ଶ୍ରଦ୍ଧାଳୁ ଭକ୍ତଙ୍କୁ କାଠିଦିଅଁ ଭାବେ ଦର୍ଶନ ଦେଇ ଗ୍ରାମ୍ୟ ପରିକ୍ରମା କରିଥିଲେ । ଏହି ଅବସରେ ଗ୍ରାମରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ହରିବୋଲ ହୁଳହୁଳି ଓ ନାମ ସଂକୀର୍ତ୍ତନରେ ଗାଁ ପରିବେଶ ଉତ୍ସବମୁଖର ହୋଇଉଠିଥିଲା । ବିଶେଷ କରି ମା’ଙ୍କର ଏହି କାଠିଦିଅଁ ବେଶ ଦେଖିବାକୁ ଘରେ ଘରେ ବନ୍ଧୁବାନ୍ଧବଙ୍କ ଭିଡ଼ ଦେଖିବାକୁ ମିଳିଥିଲା । ଗ୍ରାମବାସୀଙ୍କ ମଧ୍ୟରେ ବେଶ୍ ଉତ୍କଣ୍ଠା ବାରି ହୋଇପଡୁଥିଲା।

### ସ୍ୱଚ୍ଛତା ହିଁ ସେବା ଆଲୋଚନାଚକ୍ର

ଟାଙ୍ଗୀ (ଖୋର୍ଦ୍ଧା),୩୦।୯(ଡି.ଏନ.ଏ.)

ସ୍ଥାନୀୟ ଦୁର୍ଗାଚରଣ ଚିଲିକା ଜୁନିୟର ମହାବିଦ୍ୟାଳୟ ପରିସରରେ ସୋମବାର ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ୧୫୦ ତମ ପବିତ୍ର ଜୟନ୍ତୀ ଉପଲକ୍ଷେ ସ୍ୱଚ୍ଛତା ହିଁ ସେବା ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ପରିଚାଳନା ପରିଷଦ ସଭାପତି ରଘୁନାଥ ସାହୁ, ଅଧ୍ୟାପକ ଡ. ଅଶୋକ କୁମାର ନନ୍ଦ, ଡା. ମଧୁସୂଦନ ସେନାପତି, ବସନ୍ତ ମଞ୍ଜରୀ ସାଧାରଣ ଚିକିତ୍ସାଳୟର ଅଧୀକ୍ଷକ ସୂର୍ଯ୍ୟନାରାୟଣ ବେହେରା, ଅବସରପ୍ରାପ୍ତ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ସାହୁ ପ୍ରମୁଖ ଅତିଥି ରୂପେ ଯୋଗଦେଇ ମହାତ୍ମା ଗାନ୍ଧୀଙ୍କ ଜୀବନାଦର୍ଶ ଓ ଅହିଂସା ନୀତି ଉପରେ ଆଲୋକପାତ କରିଥିଲେ। ବକ୍ତୃତା, ଚିତ୍ରାଙ୍କନ, ସଙ୍ଗୀତ ଓ ପ୍ରବନ୍ଧ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ସହ ପୁରସ୍କୃତ କରାଯାଇଥିଲା । ଏହାପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକକ ଅଭିନୟ ପରିବେଷିତ ହୋଇଥିଲା। ଅଧ୍ୟକ୍ଷ ସୀତାଂଶୁଭୂଷଣ ନନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାକୁ ପ୍ରାଣୀବିଜ୍ଞାନ ଅଧ୍ୟାପକ ରଞ୍ଜନ କୁମାର ମହାପାତ୍ର ସଂଯୋଜନା କରିଥିଲେ। ଅଧ୍ୟାପକ ବିଶ୍ୱରଞ୍ଜନ ଦାସ ଧନ୍ୟବାଦ ଦେଇଥିଲେ।

# ହରିହରପୁରରେ ନାଏବ ସରପଞ୍ଚଙ୍କୁ ଅପହରଣ ଉଦ୍ୟମ

ନୟାଗଡ଼ ଅଫିସ,୩୦।୯

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ଶରଣକୁଳ ପଞ୍ଚାୟତ ନାଏବ ସରପଞ୍ଚ ଅନନ୍ତ ନାୟକଙ୍କୁ ସୋମବାର ଅପହରଣ ଉଦ୍ୟମ କରାଯାଇଥିଲା। ପୋଲିସ ପହଞ୍ଚି ତାଙ୍କୁ ଅପହର୍ତ୍ତାଙ୍କ କବଳରୁ ଉଦ୍ଧାର କରିଛି। ଅନନ୍ତଙ୍କ ଅଭିଯୋଗ ଅନୁଯାୟୀ, ସୋମବାର ପଞ୍ଚାୟତ କାର୍ଯ୍ୟାଳୟରେ ବୈଠକ ଥିବାରୁ ସେ ସେଠାକୁ ଯାଉଥିଲେ। ସେହିଭଳି ୨୨ ନମ୍ବର ୱାର୍ଡ଼ର ୱାର୍ଡମେମ୍ବର କବିରାଜ ଦାଶ ମଧ୍ୟ ବୈଠକକୁ ଯାଉଥିଲେ। ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚିବା ପୂର୍ବରୁ କିଛି ଲୋକ ସେଠାରେ ପହଞ୍ଚି ହଠାତ୍ ଉଭୟଙ୍କୁ ନିକଟସ୍ଥ ଏକ ଜଙ୍ଗଲକୁ ଟେକିନେଇ ପଳାଇଥିଲେ। ଶରଣକୁଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିଥିଲା। ଅନନ୍ତଙ୍କ କହିବାନୁଯାୟୀ, ପଞ୍ଚାୟତରେ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ତଥ୍ୟ ସେ ଆର୍‌ଟିଆଇ ମାଧ୍ୟମରେ ମାଗିଥିଲେ। ତେବେ ତଥ୍ୟ ମାଗିବା ନେଇ କିଛି ଲୋକ ଆକ୍ରୋଶ ରଖି ତାଙ୍କୁ ଅପହରଣ କରି ନେଇଥିବା ସେ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ପୋଲିସ ତାଙ୍କୁ ଉଦ୍ଧାର କରି ଥାନାରେ ଅଟକ ରଖିଥିବା ବେଳେ ସନ୍ଧ୍ୟାରେ ଛାଡ଼ି ଦେଇଥିଲା। ଏ ନେଇ ଶରଣକୁଳ ଥାନା ଅଧିକାରୀ କିରଣ ହେମ୍ବ୍ରମଙ୍କୁ ପଚାରିବାରୁ ସେ କୌଣସି ମତ ଦେଇ ନ ଥିଲେ। ସେହିଭଳି ପୋଲିସ ଉକ୍ତ ଘଟଣାକୁ ଚାପିଦେବା ପାଇଁ ଉଦ୍ୟମ କରୁଥିବା ସାଧାରଣରେ ଚର୍ଚ୍ଚା ହେଉଛି।

### ଯୁବକଙ୍କ ଆତ୍ମହତ୍ୟା

ନୟାଗଡ଼ ଅଫିସ,୩୦।୯

ନୟାଗଡ଼ ଜିଲା ଶରଣକୁଳ ଥାନା ଭିକାରିପଡ଼ା ଗ୍ରାମର ସନ୍ତୋଷ କୁମାର ପାତ୍ର ନାମକ ଜଣେ ଯୁବକ ରବିବାର ରାତିରେ ବେକରେ ଫାଶ ଦେଇ ଆତ୍ମହତ୍ୟା କରିଛନ୍ତି। ସୋମବାର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ମିଳିଥିବା ସୂଚନା ଅନୁସାରେ, ସନ୍ତୋଷ ଶରଣକୁଳ ଅଞ୍ଚଳରେ ଏକ ତେଜରାତି ଦୋକାନ କରିଥିଲେ। ପ୍ରତ୍ୟେହ ରାତିରେ ଦୋକାନ ବନ୍ଦ କରି ଘରକୁ ଫେରନ୍ତି। ରବିବାର ଦୋକାନ ବନ୍ଦ କରିଥିବାବେଳେ ସେ ଘରକୁ ଯାଇ ନ ଥିଲେ। ସୋମବାର ସକାଳେ ପରିବାର ଲୋକ ବିଭିନ୍ନ ଆଡ଼େ ଖୋଜାଖୋଜି କରି ନ ପାଇ ଦୋକାନକୁ ଆସିବାରୁ ତାହା ଭିତରପଟୁ ବନ୍ଦ ଥିବା ଦେଖିଥିଲେ। ପରେ ଦୋକାନ କବାଟକୁ ଭାଙ୍ଗିବାରୁ ସନ୍ତୋଷଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ପାଇଥିଲେ। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଆତ୍ମହତ୍ୟାର କାରଣ ଜଣାପଡି ନାହିଁ।

# ଗିରଫ ୫ ଗୋଚାଲାଣକାରୀ ଜେଲ ଗଲେ

- ଆନ୍ଧ୍ରପ୍ରଦେଶର ନରସିଂହପାଟଣାକୁ ଚାଲାଣ ହେଉଥିଲେ ଗୋରୁ

ରଣପୁର,୩୦।୯(ସ୍ୱ.ପ୍ର.)

ରଣପୁର ପୋଲିସ ଅଟକ ରଖିଥିବା ୫ ଗୋଚାଲାଣକାରୀଙ୍କୁ ସୋମବାର ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ସେମାନଙ୍କୁ ରଣପୁର ସବ୍‌ଜେଲକୁ ପଠାଇ ଦିଆଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ନୟାଗଡ ଟାଉନ ଥାନା ସିନ୍ଦୂରିଆ କରଣସାହିର ସଲମନ ଖାଁ (୨୮) ଓ ମିହିର ମୋହିବୁଲ୍ଲା (୨୪), ଇଟାମାଟି ଥାନା ଇଟାମାଟି ବେହେରାସାହିର ଜୁହୁରୁଦ୍ଦିନ ଖାନ୍ (୩୦) ଓ ଏସ୍.କେ. ରାମଜନ (୨୪), ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ବେଗୁନିଆ ଜାମୁସାହିର ନାସିର ଖାନ୍ (୨୩)। ରଣପୁର ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆଇଆଇସି ରଶ୍ମିରଞ୍ଜନ ଦାଶ ଏହି ସୂଚନା ଦେଇଛନ୍ତି। ତାଙ୍କ ସୂଚନା ଅନୁସାରେ ନୟାଗଡ଼ ଓ ଖୋର୍ଦ୍ଧା ଜିଲାର ବିଭିନ୍ନ ଅଞ୍ଚଳରୁ ଗୋରୁମାନଙ୍କୁ ଚୋରି କରି ଆନ୍ଧ୍ରପ୍ରଦେଶର ନରସିଂହପାଟଣାକୁ ଚାଲାଣ କରାଯାଉଥିଲା। ଏଥିପାଇଁ ଏକ ର୍‍ୟାକେଟ କାମ କରୁଥିବା ତଦନ୍ତରୁ ଜଣାପଡିଛି। ଗୋଚାଲାଣକୁ ସୁରକ୍ଷା ଦେବା ପାଇଁ ଏକ ପାଇଲଟିଂ ଗାଡି ଯାଉଥିଲା। ପୋଲିସ ରବିବାର ରାତିରେ ୬୮ ଗୋରୁ ଥିବା ଆଇଚର କଣ୍ଟେନର ଗାଡି ଜବତ କରି ୨ଜଣଙ୍କୁ ଗିରଫ କରିଥିଲା। ସେହିପରି ପାଇଲଟିଂ କରି ଯାଉଥିବା କାର ଜବତ ହୋଇଥିବାବେଳେ ୩ଜଣ ବ୍ୟକ୍ତି ଗିରଫ ହୋଇଛନ୍ତି। ରଣପୁର ବାସିନ୍ଦାଙ୍କ ସହଯୋଗରେ ଗୋ ଚାଲାଣକାରୀଙ୍କୁ ଗିରଫ କରିବା ସମ୍ଭବ ହେଲା। ଗୋରୁଙ୍କୁ ମଧ୍ୟ ଉଦ୍ଧାର କରାଯାଇଛି। ଉଦ୍ଧାର ୬୮ ଗୋରୁଙ୍କୁ ଚିକିତ୍ସା କରାଯାଇ ଖଣ୍ଡପଡା ଗିରିଡିପଲ୍ଲି ଗୋଶାଳାରେ ସୋମବାର ଛଡାଯାଇଛି।



ଗିରଫ ୫ ଅଭିଯୁକ୍ତ।

- ଲୋକସେବା ଅଧିକାର ଆଇନ

# ସଚେତନତା ଓ ପ୍ରଶିକ୍ଷଣ ଶିବିର

ଗଣିଆ,୩୦।୯(ଡି.ଏନ.ଏ.)

ଗଣିଆ ତହସିଲ ତରଫରୁ କାର୍ଯ୍ୟାଳୟ ପରିସରରେ ବ୍ଲକର ସମସ୍ତ ସରକାରୀ ପଦାଧିକାରୀଙ୍କୁ ନେଇ ଗତ ୨୭ତାରିଖରୁ ଆରମ୍ଭ ହୋଇଥିବା ବ୍ଲକସ୍ତରୀୟ ଓଡିଶା ଲୋକସେବା ଅଧିକାର ଆଇନ ସଚେତନତା ଓ ପ୍ରଶିକ୍ଷଣ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ତହସିଲଦାର ମିତାଲି ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ ଦଶପଲ୍ଲା ସବ୍‌ରେଜିଷ୍ଟ୍ରାର ଲକ୍ଷ୍ମୀଧର ସାହୁ, ଗଣିଆ ବିଡିଓ ମାନସ ରଞ୍ଜନ ସାମଲ, ଏବିଡିଓ ସରୋଜ କୁମାର ନାୟକ, ଗଣିଆ ଥାନା ଭାରପ୍ରାପ୍ତ ଅଧିକାରୀ ଦୀପକ କୁମାର ଖଣ୍ଡାୟତରାୟ, ଗଣିଆ ମେଡିକାଲ ଅଫିସର ଡାକ୍ତର ମଧୁସୂଦନ ଦାସ, ବ୍ଲକ ଶିକ୍ଷା ଅଧିକାରୀ ପ୍ରସନ୍ନ କୁମାର ଦାସଙ୍କ ସମେତ ପ୍ରାଣୀଧନ,



ଶିବିରରେ ମଞ୍ଚାସୀନ ଅତିଥି।

ମତ୍ସ୍ୟ, କୃଷି, ସମାଜମଙ୍ଗଳ, ଶିକ୍ଷା, ରାଜସ୍ୱ, ଅଗ୍ନିଶମ, ପୋଲିସ ବିଭାଗର କର୍ମଚାରୀମାନେ ଯୋଗଦେଇଥିଲେ । ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ନାଗରିକମାନଙ୍କୁ ଲୋକସେବା ତଥା ତତ୍‌ସମ୍ବନ୍ଧିତ ସେବା ଯୋଗାଇଦେବା ନିମିତ୍ତ ରାଜ୍ୟ ସରକାରଙ୍କ ପ୍ରଣୀତ ଏହି ଆଇନର ମୂଳ ଲକ୍ଷ୍ୟ ବୋଲି ସବ୍‌ରେଜିଷ୍ଟ୍ରାର କହିଥିଲେ। ସରକାରୀ କର୍ମଚାରୀମାନେ ସରକାରଙ୍କ ବିଭିନ୍ନ ଯୋଜନା ଲୋକମାନଙ୍କ ନିକଟରେ ପହଞ୍ଚାଇବା, ନିର୍ଦ୍ଧାରିତ ସମୟ ମଧ୍ୟରେ ସେବା ଯୋଗାଇବା ଓ ଉତ୍ତରଦାୟୀ ରହିବା ଆବଶ୍ୟକ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଏଥିସହ ଇ ରେଜିଷ୍ଟ୍ରେଶନ ପ୍ରକ୍ରିୟା ସମ୍ପର୍କରେ ତହସିଲଦାର ସୂଚନା ପ୍ରଦାନ କରିଥିଲେ। ଶିବିରରେ ବିଭିନ୍ନ ବିଭାଗୀୟ ଅଧିକାରୀ, କର୍ମଚାରୀ, ଲୋକ ପ୍ରତିନିଧିମାନଙ୍କୁ ପର୍ଯ୍ୟାୟକ୍ରମେ ପ୍ରଶିକ୍ଷଣ ଦିଆଯାଇଥିଲା ।